ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.293 Bhubaneswar Tuesday January 09 2024 | ୨୬ତମ ବର୍ଷ ସଂଖ୍ୟା–୨୯୩ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୦୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଥାନାକୁ ଗଲା ବାଲେଶ୍ୱର ବିଜେଡ଼ି ଗୋଷ୍ଠୀ କନ୍ଦଳ, ଏତଲା ଦେଲେ କାଉନ୍‌ସିଲର



ଭୁବନେଶ୍ୱର,୮।୧(ପି.ଏନ): ବାଲେଶ୍ୱର ବିଜେଡି ଗୋଷ୍ଠୀ କନ୍ଦଳ ବଢ଼ିବାରେ ଲାଗିଲା। ସଭାରେ ଠେଲାପେଲା ନେଇ ସହଦେବଖୁଣ୍ଟା ଥାନାରେ ଏତଲା ଦେଲେ ପୂର୍ବତନ ସାଂସଦ ଗୋଷ୍ଠୀ। ବିଧାୟକଙ୍କ ଗୋଷ୍ଠୀ ନାଁରେ ଏତଲା ଦିଆଯାଇଛି। ଏଫ୍‌ଆଇଆର୍ ଦେଇଛନ୍ତି କାଉନସିଲର ରଂଜିତା ମହାପାତ୍ର। ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ଆସିବା ପୂର୍ବରୁ ସଭାରେ ରଞ୍ଜିତା ମହାପାତ୍ର ଓ ତାଙ୍କ ସମର୍ଥକଙ୍କୁ ଠେଲାପେଲା ଏବଂ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଏଫ୍‌ଆଇଆର୍ ନେଇ କାଉନ୍‌ସିଲର ରଞ୍ଜିତା ମହାପାତ୍ର କିଛି କହିବାକୁ ମନା କରିଦେଇଛନ୍ତି। ଗତ ଶନିବାର ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ବାଲେଶ୍ୱର ଗସ୍ତରେ ଯାଇଥିଲେ। ପାଣ୍ଡିଆନ୍‌ଙ୍କ ପାଇଁ ବାଲେଶ୍ୱର ମିଶନ୍ ହାଇସ୍କୁଲ ପଡିଆରେ ଆୟୋଜନ କରାଯାଇଥିଲା ଭବ୍ୟ ସଭା। ମଞ୍ଚକୁ ପାଣ୍ଡିଆନ୍ ଆସିବା ପୂର୍ବରୁ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଓ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଗୋଷ୍ଠୀ ଶକ୍ତି ପ୍ରଦର୍ଶନ କରିଥିଲେ। ବିଧାୟକଙ୍କ ସମର୍ଥକମାନେ ପ୍ରଥମେ ଯାଇ ସଭାରେ ବସି ଯାଇଥିଲେ। ପରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ସମର୍ଥନ କୁହାଯାଉଥିବା କାଉନସିଲର ରଂଜିତା ମହାପାତ୍ର ଓ ତାଙ୍କ ସମର୍ଥକମାନେ ବସିବା ପାଇଁ ଯାଇଥିଲେ।

## ବିଲକିସ ବାନୋ ମାମଲାରେ 'ସୁପ୍ରିମ' ରାୟ: ବିଜେପି ଉପରେ ବର୍ଷିଲେ ବିରୋଧୀ



ନୂଆଦିଲ୍ଲୀ,୮।୧(ପି.ଏନ): ବହୁ ଚର୍ଚ୍ଚିତ ଗୁଜରାଟ ଦଙ୍ଗା ପୀଡିତା ବିଲକିସ ବାନୋ ମାମଲାରେ ଆଜି ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧୀ ଦଳଗୁଡ଼ିକ ସ୍ୱାଗତ କରିଛନ୍ତି। ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ କରିବା ସହ ତାଙ୍କ ପରିବାର ସଦସ୍ୟ ଓ ଛୋଟ ଝିଅକୁ ହତ୍ୟା କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କୁ ଗୁଜରାଟ ସରକାର ସ୍ୱତନ୍ତ୍ର କ୍ଷମାନୀତି ବଳରେ ଠିକ ବିଧାନସଭା ନିର୍ବାଚନ ପୂର୍ବରୁ ଖଲାସ କରି ଦେଇଥିଲେ।ତେବେ ଗୁଜରାଟ ସରକାରଙ୍କ ନିର୍ଦ୍ଦେଶକୁ ଆଜି ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଏଥିସହ ୨ ସପ୍ତାହ ମଧ୍ୟରେ ଜେଲରୁ ବାହାରିଥିବା ସମସ୍ତ ୧୧ ଜଣଙ୍କୁ ପୁଲିସ୍ ? ନିକଟରେ ଆତ୍ମସମର୍ପଣ କରିବାକୁ କହିଛନ୍ତି।

## ତୀର୍ଥସ୍ଥଳୀକୁ ଭୋଗସ୍ଥଳୀ କରାନଯାଉ କହିଲେ ଶଙ୍କରାଚାର୍ଯ୍ୟ



ଭୁବନେଶ୍ୱର,୮।୧(ପି.ଏନ): ତୀର୍ଥସ୍ଥଳୀ ଓ ତପସ୍ଥଳୀକୁ ଭୋଗସ୍ଥଳୀ ବା ପର୍ଯ୍ୟଟନସ୍ଥଳୀ କରାନଯାଉ। ଆଜି ଏପରି କହିଛନ୍ତି ପୁରୀ ଗୋବର୍ଦ୍ଧନମଠର ଶଙ୍କରାଚାର୍ଯ୍ୟ ଜଗଦଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ। ଶ୍ରୀମନ୍ଦିର ଲୋକାର୍ପଣ ଉତ୍ସବକୁ ନେଇ ହୋଇଥିବା ପ୍ରଶ୍ନରେ ସେ ଏପରି କରିଛନ୍ତି। ଶଙ୍କରାଚାର୍ଯ୍ୟ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ କରାଯାଇଛି। ମୁଁ ନିମନ୍ତ୍ରଣ ପାଇଛି। କିନ୍ତୁ ଲୋକାର୍ପଣ ଉତ୍ସବରେ ଯୋଗଦେବି କି ନାହିଁ, ତାହା ଏ ପର୍ଯ୍ୟନ୍ତ ସ୍ଥିର କରିନାହିଁ। ଠିକ୍ ? ସମୟରେ ନିଷ୍ପତ୍ତି ନେବି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଆଗରୁ ରୂପରେଖ ସଂପର୍କରେ ମୁଁ କିଛି ଜାଣିନଥିଲି। ଗଜପତି ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମୋତେ ଭେଟି ଜଣାଇବା ପରେ ଜାଣିଲି ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ।

## ବିଜେଡିରୁ ଇସ୍ତଫା ଦେଲେ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ



ଭୁବନେଶ୍ୱର,୮।୧(ପି.ଏନ): ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ବଳଭଦ୍ର ମାଝୀ ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ବିଜେଡି ସଭାପତିଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ବଳଭଦ୍ର ମାଝୀ ଲେଖିଛନ୍ତି, ୧୯୯୭ରେ ଦଳ ଗଠନ ହେବା ପରଠାରୁ ଆପଣଙ୍କ ସହିତ କାମ କରିବାର ସୁଯୋଗ ଦେଇଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ। ବଳଭଦ୍ର ମାଝୀ ଇସ୍ତଫା ପତ୍ରରେ ତାଙ୍କର ଏହି ପଦକ୍ଷେପର କାରଣ ସଂପର୍କରେ କିଛି ଉଲ୍ଲେଖ କରି ନଥିଲେ। ତେବେ ଇସ୍ତଫା ଦେବା ପରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଇଚ୍ଛା କରିଥିଲି। କିନ୍ତୁ ଭେଟିବାକୁ ଦିଆଗଲାନି। ଜଣେ କର୍ମଚାରୀଙ୍କ ମାଧ୍ୟମରେ ଭେଟିବାକୁ କୁହାଗଲା। ଉଦ୍ୟମ କରି ବି ଭେଟିପାରିଲି ନାହିଁ। ତେଣୁ ଇସ୍ତଫା ଦେଲି।

## ସକାଳୁ ସକାଳୁ ମର୍ମନ୍ତୁଦ ଦୁର୍ଘଟଣା: ଅଜଣା ଗାଡି ଧକ୍କାରେ ଚାଲିଗଲା ୩ ଜୀବନ

ଝାରସୁଗୁଡ଼ା,୮।୧(ପି.ଏନ): ବେଲପାହାଡ଼ ଗୌରପଡ଼ା ନିକଟରେ ସୋମବାର ସକାଳୁ ସକାଳୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କାରେ ୩ ଜଣ ଯୁବକଙ୍କ ଜୀବନ ଚାଲିଯାଇଛି। ତେବେ ୪୯ ନମ୍ବର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଦେଖିବାକୁ ମିଳିଛି।ସୂଚନା ଥାଉକି, ଏହି ଦୁର୍ଘଟଣାରେ ୩ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲେ ମଧ୍ୟ କାହାର ପରିଚୟ ମିଳିପାରିନାହିଁ। ଲଖନପୁର ସାହାଜବାହାଲ ଗ୍ରାମର ୩ ଯୁବକ ଏକ ବାଇକ୍(ଓଡି ୨୩ ପି ୨୦୦୯)ଯୋଗେ ବେଲପାହାଡ଼ରୁ ଲଖନପୁର୍ ଦିଗରେ ଯାଉଥିବା ବେଳେ କୌଣସି ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ବେଲପାହାଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏହାସହ ରାସ୍ତାରେ ରାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ଅନ୍ୟପଟେ ମୃତ ୩ ଜଣଙ୍କ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ସକାଳୁ ସକାଳୁ ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚହଳ ପଡିଛି।

## ଭିନ୍ନ ଧର୍ମର ସମ୍ପର୍କୀୟ ଭାଇ-ଭଉଣୀଙ୍କୁ ବି ଛାଡିଲେନି, ଏକାଠି ବସିଥିବାରୁ ପ୍ରବଳ ପିଟିଲେ

ଭୁବନେଶ୍ୱର,୮।୧(ପି.ଏନ): ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା। ହ୍ରଦ ନିକଟରେ ଏକାଠି ବସିଥିବା ଦୁଇ ଭିନ୍ନ ଧର୍ମର ସମ୍ପର୍କୀୟ ଭାଇ ଭଉଣୀଙ୍କୁ ପ୍ରବଳ ପିଟିଛନ୍ତି ୧୭ ଜଣ ଲୋକ।ସେମାନେ ଭିନ୍ନ ଧର୍ମର ହୋଇଥିବା ବେଳେ କାହିଁକି ଏକାଠି ବସିଛନ୍ତି ବୋଲି ଆକ୍ରମଣକାରୀମାନେ ପ୍ରଶ୍ନ କରି ପାଇପ ଓ ଲୁହା ରଡରେ ଉଭୟଙ୍କୁ ପିଟିଛନ୍ତି। ପ୍ରାୟ ୫ ଘଣ୍ଟା ଧରି ହୋଇଥିବା ମାଡରେ ଗୁରୁତର ହୋଇଥିବା ଯୁବକ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସହ ଥିବା ଯୁବତୀ ଜଣଙ୍କ ମଧ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କର୍ଣ୍ଣାଟକାର ବେଲାଗାଭି ଠାରେ ଏହି ଘଟଣା ଘଟିଛି।

## ବଡ଼ବିଲ ପୌର ନିର୍ବାହୀ ଅଧିକାରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବାକୁ ଉଦ୍ୟମ, ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୮।୧(ପି.ଏନ): ଅଳ୍ପକେ ବର୍ତ୍ତି ଯାଇଛନ୍ତି କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା। ଆଜି ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ହୋଇଥିଲା ଉଦ୍ୟମ। ଆଜି ସନ୍ଧ୍ୟା ପ୍ରାୟ ୫ ଟା ବେଳେ ବଡ଼ବିଲ ପୌର କାର୍ଯ୍ୟାଳୟରେ ଘଟିଥିଲା ଏହି ଅଭାବନୀୟ ଘଟଣା। ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ନିଜ ଚ୍ୟାମ୍ବରରେ ବସିଥିଲାବେଳେ ବଡ଼ବିଲ ଡେଲି ମାର୍କେଟ ଅଞ୍ଚଳର ଅଭିଷେକ ଗୁପ୍ତା ନାମକ ଯୁବକ ପଶି ଯାଇଥିଲେ। କିଛି କଥାବାର୍ତ୍ତା ପରେ ସେ ହଠାତ୍ ବ୍ୟାଗରେ ଲୁଚାଇ ଆଣିଥିବା ଗୋଟିଏ ପେଟ୍ରୋଲ ଭର୍ତ୍ତି ବୋତଲ ବାହାର କରି ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଉପରେ ଢାଳି ଦେଇଥିଲେ। ଏହା ପରେ ନିଆଁ ଲଗାଇ ଦେବା ପାଇଁ ଲାଇଟର ବାହାର କରିଥିଲେ। ସେହି ସମୟରେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପାଟି କରିବା ସହ ନିଜ ଚ୍ୟାମ୍ବରରୁ ଦୌଡି ବାହାରକୁ ଚାଲି ଆସିଥିଲେ।ଶ୍ରୀ ପଣ୍ଡାଙ୍କ ପାଟି ଶୁଣି ଅନ୍ୟ କର୍ମଚାରୀମାନେ ଧାଇଁ ଆସି ଅଭିଯୁକ୍ତ ଯୁବକ ଅଭିଷେକ ଗୁପ୍ତାଙ୍କୁ କାବୁ କରି ନେଇଥିଲେ।

## ଆନ୍ଦୋଳନରୁ ଓହରିବ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ: ସଭାପତି ଜନାର୍ଦ୍ଦନ ପତିଙ୍କ ସୂଚନା

ଭୁବନେଶ୍ୱର,୮।୧(ପିଏନ):ଆନ୍ଦୋଳନରୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ। ଏନେଇ ପରିବହନ ଶ୍ରମିକ ମହାସଂଘର ସଭାପତି ଜନାର୍ଦ୍ଦନ ପତି ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିବା ନିଷ୍ପତି ନିଆଯାଇଛି।ସୂଚନା ଥାଉକି, ଭାରତୀୟ ନ୍ୟାୟ ସଂହିତା ୨୦୨୩ରେ ଗାଡ଼ି ଚାଳକଙ୍କ ପାଇଁ ଥିବା ଦଣ୍ଡବିଧାନକୁ ବିରୋଧ କରି ଏହି ଧର୍ମଘଟର ଡାକରା ଦିଆଯାଇଥିଲା। କାରଣ ଏଇଟା ଶ୍ରମିକମାନଙ୍କ ବେକରେ ଫାଶୀ ଲଗାଇଲା ଭଳି ହୋଇଛି ବୋଲି ଗତକାଲି ଜନାର୍ଦ୍ଦନ ପତି କହିଥିଲେ। ତେବେ କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପ୍ରତ୍ୟାକ୍ଷାନ କରିଛନ୍ତି । ଏଣୁ ଏହାକୁ ବିରୋଧ କରି ଆଜିଠାରୁ ଆନ୍‌ଦୋଳନର ଡାକରା ଦିଆଯାଇଥିଲା। ହଜାର ହଜାର ଶ୍ରମିକ ଆଜି ସକାଳ ୬ଟାରୁ ରାଜ୍ୟର ୪ଟି ଡିପୋ ସମ୍ମୁଖରେ ଆନ୍‌ଦୋଳନ କରିଥିଲେ। ଫଳରେ ପେଟ୍ରୋଲ, ଡିଜେଲ ପରିବହନ ବାଧାପ୍ରାପ୍ତ ହୋଇଥିଲା । ଏହାପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅନୁରୋଧ କ୍ରମେ ଡ୍ରାଇଭର ଓଡିଶା ପରିବହନ ଶ୍ରମିକ ମହାସଂଘର ୫ ଜଣିଆ ଟିମ୍ ? ରାଜ୍ୟ ସଚିବାଳୟରେ ଆଲୋଚନା ନିମନ୍ତେ ପହଞ୍ଚିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ, ପରିବହନ କମିଶନରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘ ସମୟର ଆଲୋଚନା ପରେ ଆନ୍‌ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି। ଏଠାରେ କହି ରଖୁ ଯେ, କେନ୍ଦ୍ର ସରକାର ନିକଟରେ ୩ ନୂଆ ଅପରାଧିକ ଆଇନ ପ୍ରଣୟନ କରିଛନ୍ତି। ଯଦି କୌଣସି ଟ୍ରକ୍ ? କିମ୍ବା ଡମ୍ପର ଡ୍ରାଇଭର କାହା ଉପରେ ଗାଡି ମାଡ କରନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତା'ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ମିଳିବ। ଏଥିସହ ସେମାନଙ୍କୁ ୭ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଦେବାକୁ ପଡିବ। ତେବେ ପୂର୍ବରୁ ଯେଉଁ ଆଇନ୍ ? ଥିଲା ସେଥିରେ ହିଟ୍ ଆଣ୍ଡ ରନ୍ ମାମଲାରେ ଫସିଥିବା ଡ୍ରାଇଭରଙ୍କୁ ବେଶ୍ ? ଅଳ୍ପ ଦିନ ମଧ୍ୟରେ ଜାମିନ ମିଳି ଯାଉଥିଲା। ଆଉ ଦୁଇ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା। ତେବେ କେନ୍ଦ୍ର ସରକାରଙ୍କ ଏହି ହିଟ ଆଣ୍ଡ ରନ ନୂଆ ଆଇନକୁ ନେଇ ଡ୍ରାଇଭର ଓ ପରିବହନ ଶ୍ରମିକ ସଙ୍ଘ ବିରୋଧ କରିଛନ୍ତି।

## ନୂଆ ରୂପ ନେଉଛି ନରେନ୍ଦ୍ର ପୋଖରୀ: ପାଚେରୀ ବଖାଣିବ ପୁରୀ ଐତିହ୍ୟର ଗାଥା



ପୁରୀ,୮।୧(ପି.ଏନ): ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିଥାନ୍ତି । ଶ୍ରୀମନ୍ଦିର ଏବଂ ବେଳାଭୂମି ପରେ ଅନେକ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀକୁ ବୁଲି ଦେଖିଥାନ୍ତି । କେହି କେହି ମାନସିକ ରଖି ତୀର୍ଥ ପୁଷ୍କରିଣୀ କୂଳରେ ତିଳତର୍ପଣ, ମୁଣ୍ଡନ ଆଦି କରିଥା'ନ୍ତି । ତୀର୍ଥ ପୁଷ୍କରିଣୀ ସହ ଅନେକ ଭକ୍ତି ଓ ବିଶ୍ୱାସ ଯୋଡି ହୋଇରହିଛି । ରାଜ୍ୟ ସରକାର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ଉଦ୍ୟମ ଜାରି ରଖିଥିବା ବେଳେ ଏଥିରେ ତୀର୍ଥ ପୁଷ୍କରିଣୀକୁ ସାମିଲ କରିଛନ୍ତି । ପଞ୍ଚତୀର୍ଥ ମଧ୍ୟରୁ ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ସହ ଅନ୍ୟତମ ତୀର୍ଥ ପୁଷ୍କରିଣୀ ନରେନ୍ଦ୍ରର ସୌନ୍ଦର୍ଯ୍ୟୀକରଣ ଏବଂ ପୁନରୁଦ୍ଧାର କରାଯାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବଳିଷ୍ଠ ଉଦ୍ୟମ ଆଜି ଫଳବତୀ ହେବାରେ ଲାଗିଛି । ସେଦିନର ଚିନ୍ତାଧାରା ଆଜି ପୁରୀ ଶ୍ରୀକ୍ଷେତ୍ର ଧାମକୁ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାକୁ ଯାଉଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପୁରୀ ରୂପରେଖ ସଂପୂର୍ଣ୍ଣ ଭାବେ ବଦଳି ଯାଇଛି ।ଏହାକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଭୂରିଭୂରି ପ୍ରଶଂସା କରୁଥିବା ବେଳେ ରାଜ୍ୟ ସରକାରଙ୍କର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ। ଏବେ ଏହି ପ୍ରକଳ୍ପରେ ସାମିଲ ହୋଇଛି ୪ ପୁଷ୍କରିଣୀ । ଶ୍ରୀକ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ କଳାକୃତି ପ୍ରସ୍ତୁତ କରାଯାଇ ପାଚେରିରେ ଲଗାଯାଉଛି । ନରେନ୍ଦ୍ର ପୁଷ୍କରିଣୀ ପାଚେରିରେ ଠାକୁରଙ୍କ ବିଭନ୍ନ ବେଶ, ଦଶାବତାର ମୂର୍ତ୍ତି, ସାହିଯାତ ପ୍ରଭୃତି ଲଗାଯାଇଛି । କେବଳ ସେତିକି ନୁହେଁ, ରଥଯାତ୍ରାର କାଠ ଅନୁକୂଳଠାରୁ ଆରମ୍ଭ କରି ରଥଖଳା, କମାରଶାଳ, ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି, ମହାପ୍ରଭୁଙ୍କ ବିଭିନ୍ନ ଲୀଳାକୁ ମଧ୍ୟ ସ୍ଥାନ ଦିଆଯାଉଛି । ଏହି ପାଚେରି ହିଁ ବଖାଣିବ ପୁଷ୍କରିଣୀର ଗାଥା । ସେହିପରି ପୁଷ୍କରିଣୀକୁ ଯାଇଥିବା ପାହାଚଗୁଡିକ ଖଣ୍ଡୋଲାଇଟ୍ ପଥରରେ ଚଉଡା କରାଯାଉଛି । ଭକ୍ତ, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀମାନେ ଯେପରି ପୁଷ୍କରିଣୀ ଚତୁଃପାର୍ଶ୍ୱ ବୁଲିପାରିବେ, ସେଥିପାଇଁ ୨ମିଟର ଓସାରର ପରିକ୍ରମା ରାସ୍ତା କରାଯାଉଛି । ପରିକ୍ରମା ସମୟରେ ଯେମିତି କେହି ପୋଖରୀକୁ ଖସି ନଯିବେ, ସେଥିପାଇଁ କାଷ୍ଟ ଲୁହା ରେଲିଂ ମଧ୍ୟ ଲଗାଯାଉଛି । ବସିବା ପାଇଁ ବେଞ୍ଚ ସ୍ଥାପନ ହେଉଛି । ଫୁଲକୁଣ୍ଡ, ଆଲୋକୀକରଣ (ହାଇମାଷ୍ଟ ଏବଂ ଏଲ୍‌ଇଡି)ସାଙ୍ଗକୁ ପାନୀୟ ଜଳ, ଶୌଚାଳୟ ଆଦି ସବୁ ପ୍ରକାର ସୁବିଧା କରାଯିବାର ଯୋଜନା ରହିଛି ।ଏଥିପାଇଁ 'ଅବ?।' ଯୋଜନାରେ ୬୬ କୋଟି ୬୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଓଡିଶା ସେତୁ ନିର୍ମାଣ ନିଗମ (ଓବିସିସି) କାମ କରୁଛି । ଏଠାରେ ଦଶାହ କାର୍ଯ୍ୟ, ଚୁଟି ପକାଇବା ଓ ପିଣ୍ଡଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ । ଫଳରେ ଖରା, ବର୍ଷା ହେଲେ ବି ଶ୍ରଦ୍ଧାଳୁମାନେ କୌଣସି ପ୍ରକାର ସମସ୍ୟାରେ ପଡିବେ ନାହିଁ । ପୁଷ୍କରିଣୀଗୁଡିକୁ ସଂଯୋଗ କରୁଥିବା ରାସ୍ତା ସମ୍ପ୍ରସାରଣ ସହ ଚାରିପାଖରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ହେବ । ସେହିପରି ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଫୁଲ କୁଣ୍ଡ ଶୋଭାବର୍ଦ୍ଧନ କରିବ । ଏମିତି ପରିକଳ୍ପନାକୁ ନେଇ ୨୦୨୨ ଜୁନରୁ କାମ ଆରମ୍ଭ କରାଯାଇଥିବା ବେଳେ ଏବେ ଦ୍ରୁତଗତିରେ ଜାରି ରହିଛି । ମଝିରେ ଖଣ୍ଡୋଲାଇଟ୍ ପଥରର ଅଭାବ ଯୋଗୁ କାମ ସାମାନ୍ୟ ବିଳମ୍ବ ହୋଇଥିବା ବେଳେ ଏବେ କାମକୁ ତ୍ୱରାନ୍ୱିତ କରିଛି ଓବିସିସି ।

## ଶ୍ରମିକ କର୍ମଚାରୀମାନଙ୍କ ସମସ୍ୟାକୁ କଂଗ୍ରେସ ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରିବାକୁ ଦାବୀ



ଭୁବନେଶ୍ୱର, ୮।୧(ପି.ଏନ): ପୁରୁଣା ପେନସନ୍ କାର୍ଯ୍ୟକାରୀ କରିବା, ଇପିଏଫ ପେନସନକୁ ସର୍ବନିମ୍ନ ୯ ହଜାର ଟଙ୍କା ଦେବା କଂଗ୍ରେସ ସରକାରକୁ ଆସିଲେ ଶ୍ରମକୋର୍ଡ ପ୍ରତ୍ୟାହାର କରିବା, ସର୍ବନିମ୍ନ ଦରମା ୨୬ ହଜାର କରିବା, ଅଙ୍ଗନୱାଡ଼ି, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ପାଚିକା, ସିଏମ୍‌ଆର, ଏନ୍.ଏମ୍.ଆର ମାନଙ୍କ ସର୍ବନିମ୍ନ ମଜୁରୀ ସହିତ ସ୍ୱାସ୍ଥ୍ୟବୀମା ଓ ସାମାଜିକ ସୁରକ୍ଷା ନିଶ୍ଚିତ କରିବା। ଅନୁଗୁଳ ସମେତ ରାଜ୍ୟର ସମସ୍ତ କଳକାରଖାନା ଓ ଖଣିଖାଦାନ ଦ୍ୱାରା, ବିସ୍ଥାପିତ ମାନଙ୍କୁ ଚାକିରୀ ଯୋଗାଇଦେବା, ସମସ୍ତ ଖାଲି ପଦବୀ ପୂରଣ କରିବା, ସମସ୍ତ ଡିଏଲଆର, ଏମ୍.ଆର. ସ୍ଥାୟୀ ନିଯୁକ୍ତି କରିବା, ପାରିପାର୍ଶ୍ୱିକ ସମସ୍ୟା ତଥା ଜାତୀୟ ରାଜପଥ-୫୫ ଓ ୫୩କୁ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ଏବଂ ପରିବେଶ ପ୍ରଦୂଷଣର ନିୟନ୍ତ୍ରଣ ପାଇଁ ସ୍ଥାୟୀ ପ୍ରତିକାର କରିବା, ପ୍ରଭୃତି ଦାବୀଗୁଡ଼ିକୁ କଂଗ୍ରେସ ଦଳର କେନ୍ଦ୍ର ଓ ରାଜ୍ୟ ୨୦୨୪ ନିର୍ବାଚନ ଇସ୍ତାହାରରେ ସ୍ଥାନୀତ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ପୁରାଣ କାହାଣୀ

## ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିସ୍ପର୍ଶ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିସ୍ପର୍ଶ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜାନୁଆରୀ ୯

# ସବୁ ପଞ୍ଚାୟତରେ ଜଗନ୍ନାଥ ଯାତ୍ରା



ପ୍ରଦୀପ୍ତ କୁମାର କର

ସବୁ ପଞ୍ଚାୟତ ରେ ଜଗନ୍ନାଥ ଯାତ୍ରା । ଆସନ୍ତା ୧୭.୧.୨୪ ରେ ମାନନୀୟ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ କୁ ସର୍ବସାଧାରଣ କୁ ଉତ୍ସର୍ଗ କରିବାକୁ ସରକାରୀ ସ୍ତରରେ ଖୁବ୍ ଜୋରଦାର ପ୍ରସ୍ତୁତି ଆରମ୍ଭ ହେଉଛି । ଏହା ବହୁତ୍ ଭଲ କଥା କୋଟି କୋଟି ଟଙ୍କା ସରକାରୀ ତହବିଲ ରୁ ଖର୍ଚ୍ଚ ହୋଇ ଏହି ପ୍ରକଳ୍ପ ହୋଇଛି । ମନ୍ଦିର ର ରୁ ରୂପାନ୍ତରିତ ହେଲା ।ଏବେ ସରକାର ଲୋକ ମାନେ କିପରି ଶାନ୍ତି ଶୃଙ୍ଖଳା ରେ ପ୍ରଭୁଙ୍କ ଦର୍ଶନ କରି ପାରିବେ ସେଥିପାଇଁ ଏକ ଶୀତତାପ ନିୟନ୍ତ୍ରିତ ଟନେଲ ହୋଇଛି । କିନ୍ତୁ ଲୋକ ମାନେ ଧାଡ଼ି ବାନ୍ଧି । ଅତ୍ୟନ୍ତ ଶ୍ରଦ୍ଧା ଓ ଶୃଙ୍ଖଳିତ ଭାବେ ଦର୍ଶନ ପାଇଁ ଯିବାବେଳେ ଯେତେବେଳେ ଯାଇ ସର୍ବଶେଷରେ ମନ୍ଦିର ଗର୍ଭ ଗୃହ କୁ ପ୍ରବେଶ କରିବାକୁ ଭକ୍ତ ମାନେ ଯାଉଛନ୍ତି ସେହିଠାରେ ହିଁ ସୃଷ୍ଟି ହେଉଛି ସବୁଠାରୁ ଅଧିକ ବିଶୃଙ୍ଖଳା କାରଣ ପ୍ରାୟ ଏକାଥରକେ ଭିତରକୁ ୨୫୦ ରୁ ୩୦୦ ଲୋକଙ୍କୁ ପୋଲିସ ମାନେ ଠେଲି ଦେଉଛନ୍ତି ଓ ପ୍ରଭୁଙ୍କୁ ଦର୍ଶନ ପାଇଁ ଆତୁର ହୋଇ ଥିବା ଭକ୍ତ ମାନେ ସ୍ୱୟଂ ଠେଲି ହୋଇ ଦଳା ଚକଟା ହୋଇ ଯାଉଛନ୍ତି ଏହା ଏକ ବିରାଟ ମୃତ୍ୟୁଭୂମି ଏପରି ବନ୍ଦ ହୋଇ ଯେଉଁ ଲାଇନ୍ ଟି ବଡ ଦାଣ୍ଡରୁ ଚାଲୁଛି ତାହା ଯଦି ସେହିପରି ଯାଇ ଭିତର କାଠ ଠାରେ ଦର୍ଶନ କରି ମୁକ୍ତି ମଣ୍ଡପ ସାମନା ଦରଜା ରେ ବାହାରି ଗଲେ ଆଉ କୌଣସି ଅସୁବିଧା ହୁଅନ୍ତା ନାହିଁ । ଠାକୁର ଙ୍କୁ ଦର୍ଶନ କରିବାକୁ ସାରା ବିଶ୍ୱର ବର୍ଗର ଭକ୍ତ ମାନେ ବର୍ଷ ସାରା ଅତି ଆଗ୍ରହ ରେ ଆସନ୍ତି କିନ୍ତୁ ସେମାନେ ଆସି ପ୍ରଭୁ ଙ୍କ ଦର୍ଶନ କରିବା ସମୟରେ ଏତେ ଅବ୍ୟବସ୍ଥା କୁ ନେଇ ଭିନ୍ନ ଭିନ୍ନ ମତ ଦେଉଛନ୍ତି ଓ ପ୍ରଶାସନ ଉପରେ ଅଶାନ୍ତି ହେଉଛନ୍ତି ।ତେବେ ଏ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମନ୍ଦିର ରୂପାନ୍ତରିକରଣ କରିବାରେ କି ଲାଭ । ପ୍ରଭୁ ଙ୍କ ମନ୍ଦିର ର ପରିକ୍ରମା ପ୍ରକଳ୍ପ ହେଲା ବହୁତ୍ ସୁନ୍ଦର କିନ୍ତୁ ପ୍ରତି ପଞ୍ଚାୟତ ରେ ରଥ ବୁଲାଇବା , କୀର୍ତ୍ତନ କରିବା ଓ ପଞ୍ଚାୟତ ର ଏକ ମନ୍ଦିର ରେ ପ୍ରତି ଘରୁ ଆସିଥିବା ଚାଉଳ ଓ ଗୁଆ ରହିବ ଓ ସେଠାରେ ସରକାରୀ ସ୍ତରରେ ପ୍ରସାଦ ପ୍ରସ୍ତୁତ ହୋଇ ଲୋକଙ୍କୁ ଦିଆଯିବ ,ଧର୍ମୀୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ପ୍ରତି ବ୍ଲକ୍ ଅଧିକାରୀ ଏହାକୁ ତଦାରଖ କରିବେ । କୀର୍ତ୍ତନ ମଣ୍ଡଳୀ ,ପ୍ରସାଦ ,ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଯେତେ ପଇସା ଖର୍ଚ୍ଚ ହେବ ତାହା ସରକାରୀ ତହବିଲ ରୁ ଭରଣା କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ପାଇଁ ଓଡ଼ିଶାର ୬୭୯୪ ପଞ୍ଚାୟତ ପାଇଁ ରାଜ୍ୟ ସରକାର ୧୩୫ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ଯାହା କୁ ରାଜ୍ୟ ର କର ଦାତା ଙ୍କ ପଇସା । ପ୍ରତି ପଞ୍ଚାୟତ ରେ ଯେଉଁ ମନ୍ଦିର କି ଚୟନ କରାଯିବ ସେ ମନ୍ଦିର କୁ ଏହି ପଇସାରେ ସଜାଜିବ ମଧ୍ୟ । ତାଛଡା ପ୍ରତି ପଞ୍ଚାୟତ ରୁ ପ୍ରାୟ ୨୦ ଜଣ ଲୋକଙ୍କୁ ସରକାରୀ ବସ ଯୋଗେ ପୁରୀ ଅଣାଯିବ ପରିକ୍ରମା ପ୍ରକଳ୍ପ ର ପୂର୍ଣ୍ଣାହୁତି ଉତ୍ସବ କୁ ଓ ସେମାନଙ୍କୁ ଜଣକୁ ୨୫୦ ଟଙ୍କା ଖର୍ଚ୍ଚ ବାବଦ ରେ ଦିଆଯିବ ।ଯାହା ପାଇଁ ୩୧୮୫ ବସ ଓ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ । ତେବେ ଏଠାରେ ଗୋଟିଏ କଥା ହେଲା ଯେ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ହେବ କିନ୍ତୁ ତା ପାଇଁ ଅଯଥାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାରେ କି ଯାଥାର୍ଥତା ରହିଛି । ଅଯୋଧ୍ୟା ରେ ନିର୍ମାଣ ହେଉଥିବା ଶ୍ରୀରାମ ଙ୍କ ମନ୍ଦିର ପାଇଁ ସରକାରୀ ସ୍ତରରେ କୌଣସି ଟଙ୍କା ଖର୍ଚ୍ଚ କରାଯାଇ ନାହିଁ ବରଂ ତାହା ଦେଶର ପ୍ରତି ଲୋକଙ୍କ ଦାନ ପଇସାରେ ତିଆରି ହେଉଛି ଏହା ଏକ ବଡ ଗୌରବ ର ବିଷୟ । ସେଠାରେ ସରକାରୀ ସ୍ତରରେ ଏୟାରପୋର୍ଟ,ରେଳ ଷ୍ଟେସନ ,ବସଷ୍ଟାଣ୍ଡ ,ରାସ୍ତା , ପାରି ପାର୍ଶ୍ୱିକ ଉନ୍ନତି କରଣ ହୋଇଛି ।କିନ୍ତୁ ଆମ ରାଜ୍ୟ ରେ ଏହା କେବଳ ୨୦୨୪ ନିର୍ବାଚନ କୁ ଆଖି ଆଗରେ ରଖି ଏପରି କରାଯାଉଛି ଯାହା କି ଅତ୍ୟନ୍ତ ଦୁଃଖର ବିଷୟ ।ବର୍ତ୍ତମାନ ର ସରକାର ନିଜର ଦୀର୍ଘ ୨୫ ବର୍ଷ ର ଶାସନ କାଳରେ ଗୋଟିଏ ହେଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବା କୌଣସି ଏକ ଶୀତଳ ଭଣ୍ଡାର ଟିଏ ମଧ୍ୟ କରିପାରି ନାହାନ୍ତି ଯାହା କି ଲୋକଙ୍କ ଅତ୍ୟନ୍ତ ଜରୁରୀ ଆବଶ୍ୟକ । ଶୀତଳ ଭଣ୍ଡାର ର ଅଭାବ ରେ ଚାଷୀ ମାନେ ନିଜର ବଳକା ଉତ୍ପାଦନ କୁ ସଞ୍ଚୟ ନ କରିପାରି ପାଖ ପଡୋଶୀ ରାଜ୍ୟ ବେପାରୀ ଙ୍କୁ ଅତ୍ୟନ୍ତ କମ୍ ମୂଲ୍ୟରେ ବିକି ଦେଉଛନ୍ତି ଓ ସେହି ବାହାର ରାଜ୍ୟ ର ବେପାରୀ ମାନେ ପରବର୍ତ୍ତି ସମୟରେ ପୁଣି ଆମକୁ ବିକି ଲାଭବାନ ହେଉଛନ୍ତି । ଠିକ୍ ଅଛି ଆମେ ହିନ୍ଦୁ ହୋଇ ଥିବାରୁ ଆମ ମନ୍ଦିର କୁ ଠିକ୍ କରିବା ଦରକାର ତାର ମାନେ ନୁହେଁ ଯେ ଯେହେତୁ ଏବେକାର ସରକାର ଙ୍କ ବିରୋଧୀ ମାନେ ଅତ୍ୟନ୍ତ ଦୁର୍ବଳ ,ସେମାନଙ୍କ ମୁଁହ ଖୋଲିବାକୁ ଯଥେଷ୍ଟ ଶକ୍ତି ନାହିଁ ତେଣୁ ସେମାନେ ଯାହା ଚାହିଁବେ ତାଙ୍କ ମନଇଚ୍ଛା କରିବେ । ଯଦି ରାଜ୍ୟରେ ଥିବା ମୁସଲିମ ସମ୍ପ୍ରଦାୟର ଓ ଖ୍ରୀଷ୍ଟିଆନ ସଂପ୍ରଦାୟ ମଧ ଦାବି ଉପସ୍ଥାପନା କରନ୍ତି ସେମାନଙ୍କ ମସଜିଦ ବା ଚର୍ଚ୍ଚ ର ଉନ୍ନତି ପାଇଁ ସରକାରୀ ସ୍ତରରେ ଅନୁଦାନ ପ୍ରଦାନ କରିବାକୁ ତେବେ ସରକାର ସେ କ୍ଷେତ୍ର ରେ କଣ କରାଯିବ । ରାଜ୍ୟରେ ଥିବା ସବୁ ଧର୍ମ କୁ ସରକାର ସମାନ ଭାବରେ ଗୁରତ୍ୱ ଦେବା ଉଚିତ୍ ଯେହେତୁ ସେମାନେ ମଧ ଓଡ଼ିଶାର ଅଧିବାସୀ । କିନ୍ତୁ ଧର୍ମ ଆଢୁଆଳ ରେ ନିର୍ବାଚନ ର ସଂକୀର୍ଣ୍ଣ ମନୋଭାବ ପ୍ରଦର୍ଶନ ଆଣି ଅନୁକୂଳ ନୁହେଁ । ଏହା ଭାବିଶ୍ୱତ ପିଢ଼ି ପାଇଁ ଏକ ବୁମେରଂ ସଦୃଶ ହୋଇ ନିଜ ଆଡକୁ ଟାଣି ହୋଇ ଆସିବ ଯାହାର ଫଳ ସ୍ୱରୂପ ଆଗାମୀ ପିଢ଼ି କେବଳ ହନ୍ତସନ୍ତ ଛଡା ଆଉ କିଛି ପାଇବେ ନାହିଁ । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆମ ସମସ୍ତ ଓଡ଼ିଶା ବାସୀ ସୁଖେ ଦୁଖେ ଯାହା ଖାଇ ପିଇ ରହିଛନ୍ତି ସେମାନଙ୍କ ଜୀବନ ସହିତ ଖେଳ ଖେଳି ତାଙ୍କୁ ସର୍ବସ୍ୱାନ୍ତ କରା ନ ଯାଉ । ରାଜନୀତି ଅତ୍ୟନ୍ତ ଉଚ୍ଚ କୋଟିର ହେଉ ନିମ୍ନ କୁ ନ ଯାଉ । ରାଜନୀତି ତା ଜାଗାରେ ସୁନ୍ଦର ତାକୁ ତା ଜାଗାରେ ରହିବାକୁ ଦିଆଯାଉ ଓ ମନ୍ଦିର ପ୍ରଭୃତି ଧର୍ମୀୟ ବିଶ୍ୱାସ କୁ ତା ଜାଗାରେ ରଖାଯାଉ ଦୁହିଁଙ୍କୁ ମିଶାଇ ଖେଚେଡ଼ି କରା ନ ଯାଉ । ଅନେକ ଏପରି ଗାଁ ଅଛି ଯେଉଁଠି କି ଲୋକେ ଏ ପର୍ଯ୍ୟନ୍ତ ମଧ ଚୁଆ ବା ଅପରିଷ୍କୃତ ପୋଖରୀ ରୁ ପାଣି ନେଇ ପିଉଛନ୍ତି ।ଅନେକ କ୍ଷେତ୍ର ରେ ସ୍ତ୍ରୀ ଲୋକ ମାନେ ପ୍ରାୟ ୩/୪ କିଲୋମିଟର ଗରା,ବାଲ୍ଟି ନେଇ ପାଣି ଆଣିବାକୁ ଯାଉଛନ୍ତି । ଅନେକ ଗାଁ କୁ ଭଲ ରାସ୍ତା ନ ଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ପଶି ପାରେ ନାହିଁ ରୋଗୀକୁ ୪/୫ କିଲୋମିଟର କାନ୍ଧରେ ବୋହି ନେବାକୁ ବାଧ୍ୟ । ଉପାନ୍ତ ଅଞ୍ଚଳରେ ଭଲ ସ୍କୁଲ ଟିଏ ନାହିଁ , କି ଭଲ ଶିକ୍ଷକ ନାହାଁନ୍ତି ।ଅନେକ ଜାଗାରେ ଦୁଇ ଜଣ ଶିକ୍ଷକ କୁ ୪/୫ ଟି ଶ୍ରେଣୀ ରେ ପିଲା ଅଛନ୍ତି । ଓଡ଼ିଶାର ଏକ ବଡ ଡାକ୍ତରଖାନା ହେଉଛି କଟକ ଡାକ୍ତରଖାନା ସେଠାରେ ଅନେକ ବଡ ବଡ ବିଭିନ୍ନ ବିଭାଗ ର ବିଶେଷଜ୍ଞ ମାନେ ଅଛନ୍ତି କିନ୍ତୁ ଦୁଃଖର ବିଷୟ ଯେ ଦୀର୍ଘ ପ୍ରାୟ ୫ ବର୍ଷ ଧରି ତାର ରୂପାନ୍ତରିତ କାମ ଚାଲିଛି ଯେ ଏ ଯାଏଁ ସରିନାହିଁ ।ମନ୍ଦିର ଗୁଡ଼ିକ ଅନେକ ପୁରୁଣା ହୋଇ ଯାଇଛି ଏହାର ନିଶ୍ଚିତ ଭାବରେ ନବୀକରଣ ଅତ୍ୟନ୍ତ ଜରୁରୀ କିନ୍ତୁ ଅନ୍ୟ ଦିଗ ପ୍ରତି ମଧ ଧ୍ୟାନ ଦେବା ନିହାତି ଆବଶ୍ୟକ ଓ ମନ୍ଦିର ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେବଳ ସେହି କାମ ଛାଡ଼ି ଅନ୍ୟ କାମ ଗୁଡ଼ିକର କୌଣସି ଆବଶ୍ୟକତା ନାହିଁ ତାହା ପୁଣି ସରକାରୀ ତହବିଲ ରୁ ଏହା ଜମା ଗ୍ରହଣୀୟ ନୁହେଁ । ବିରୋଧ କରିବା କୁ କେହି ନାହିଁ ବୋଲି ଯାହା ଇଚ୍ଛା ତାହା କରିବା ମଧ ଠିକ୍ ନୁହେଁ ।

ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର
ଭୁବନେଶ୍ୱର
୯୪୩୭୦୮୪୩୧୨.

# ମେଁ ହୁଁ ଡନ୍....କାହାଣୀ ଜଣେ ସୁପରଷ୍ଟାରଙ୍କର

୨୦୦୭ ବେଳର କଥା । ସେ ସମୟରେ ଟେଲିଭିଜନରେ କୌନ ବନେଗା କରୋଡ଼ପତିର ତୃତୀୟ ମେଗା ପ୍ରସାରଣ ସମଗ୍ର ବିଶ୍ୱରେ ହଇଚଇ ଖେଳାଇ ଦେଇଥିଲା । ବିଭିନ୍ନ ଜାତୀୟ ଗଣମାଧ୍ୟମ ଓ ଆଞ୍ଚଳିକ ଗଣମାଧ୍ୟମ ଭିତରୁ ଓଡ଼ିଶାର ଏକ ବିଖ୍ୟାତ ଓ ପ୍ରତିଷ୍ଠିତ ଗଣମାଧ୍ୟମର ପ୍ରତିନିଧିତ୍ୱ କରୁଥିଲେ ଜଣେ ପ୍ରଖ୍ୟାତ ସାମ୍ବାଦିକ । ସେ ସେଦିନ ନିମନ୍ତ୍ରିତ ହୋଇଥିଲେ କେବିସିର ଶୋରେ ଅମିତାଭ ବଚ୍ଚନଙ୍କ ସହ ଶାହାରୁଖ ଖାନ୍‌ଙ୍କୁ ଏକ ସାକ୍ଷାତ ଆଲୋଚନା ସଂଗ୍ରହ କରିବା ପାଇଁ । ଅତ୍ୟନ୍ତ ବ୍ୟସ୍ତ ବହୁଳ ମୁହୂର୍ତ୍ତ ଭିତରେ ତାଙ୍କ ଡାକ୍ତରୀ ଝିଅର ଏକ ଅନୁରୋଧ ଥିଲା ଯେ ସୁପରଷ୍ଟାର ଶାହାରୁଖଙ୍କ ସହ ଏକ ଅଟୋଗ୍ରାଫ ସଂଗ୍ରହ । ପ୍ରବଳ ଭିଡ଼, ଠେଲାପେଲା ଓ ଲୋକାରଣ୍ୟ ଭିତରେ ବଡ଼ କଷ୍ଟରେ କିଛି କ୍ଷଣ ପାଇଁ ଶାହାରୁଖଙ୍କ ସହ ସାକ୍ଷାତ ହୋଇଥିଲା । ଶାହାରୁଖ ଖାଁ କେବଳ ଅଟୋଗ୍ରାଫଟି ଦେଲେ ସେ ଖୁସି ହେବେ ଏତିକି ଚାହିଁଥିଲେ କିନ୍ତୁ ତାଙ୍କ ସାମ୍ବାଦିକ ଜୀବନ ଭିତରେ ସେ ହତଚମ୍ଭିତ ହୋଇଗଲେ ଯେତେବେଳେ ହିନ୍ଦୀରେ ଏହି ପ୍ରଖ୍ୟାତ ସୁପରଷ୍ଟାର କହିଲେ 'ଝିଅ କେଉଁଠି ଅଛି ? ଫୋନ ଲଗାନ୍ତୁ ମୁଁ କଥା ହେବି' । ଦୁଇ ମିନିଟ ଧରି ଅତି ସ୍ୱାଭାବିକ ଭାବେ ଝିଅ ସହ କଥା ହୋଇଥିଲେ ମଧ୍ୟ । ଆଉ ଓଡ଼ିଶାର ସେହି ପ୍ରଖ୍ୟାତ ସାମ୍ବାଦିକ ଥିଲେ ସମ୍ବାଦର ଫିଚର ସମ୍ପାଦକ ତଥା ଓଡ଼ିଶା ସାମ୍ବାଦିକତାର ଅନ୍ୟତମ ଭୀଷ୍ମପିତାମହ କୁହାଯାଉଥିବା ଗୌରହରି ଦାସ । ଓଡ଼ିଶାକୁ ଫେରିବା ପରେ ଶ୍ରୀ ଦାସ ସମ୍ବାଦରେ ଯେଉଁ ଲେଖକୀୟ ଉପସ୍ଥାପନ କରିଥିଲେ ସେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ଯେ ଶାହାରୁଖ ଖାଁଙ୍କୁ କାହିଁକି ସୁପରଷ୍ଟାର କୁହାଯାଏ । ଯେଉଁ ପ୍ରଶଂସକମାନେ ତାଙ୍କୁ ସୁପରଷ୍ଟାରର ଗୌରବର ଶ୍ରୀମର୍ଯ୍ୟାଦା ଶିଖରରେ ପହଞ୍ଚାଇଛନ୍ତି ସେମାନଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧାଶୀଳ ଓ ଉଦାର । ନିଜ କାର୍ଯ୍ୟପ୍ରତି ସେ ଖୁବ ପ୍ରଫେସନାଲ । ଆଉ ନିଜ ଯୁବ ସୁଲଭ ଚପଳତାଙ୍କୁ ତାଙ୍କ ଆଖି ଯୋଡ଼ିକ ଭିତରେ ଖେଳାଇ ବୁଲୁଥାନ୍ତି । ଶାହାରୁଖ ଖାଁ କେବଳ ଭାରତରେ ନୁହଁନ୍ତି ସେ ବିଦେଶରେ ମଧ ସେ ଖୁବ ଲୋକପ୍ରିୟ ।

ଏବେ ଟେଲିଭିଜନ ପରଦାରେ ଓ ଆପଣଙ୍କ ମୋବାଇଲରେ ଏକ ବିଜ୍ଞାପନ ଫିଲ୍ମରେ ଭାରତ ସିନେମାର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମହାନ ଅମିତାଭ ବଚ୍ଚନ ଓ ଶାହାରୁଖ ଖାଁଙ୍କ ଭିତରେ ଯେଉଁ କଥାପୋକଥନ ଅତ୍ୟନ୍ତ ବହୁଳ ପ୍ରସାରିତ ହେଉଛି ତାହା ହେଉଛି 'ଉଧର୍ ଯାଇୟେ, ଅମିତ୍ ଜୀ ହେଁ ୱାହାଁ' । 'ଆରେ ଉଧର ଯାଇୟେ, ଶାହରୁଖ ଖାନ୍, ସୁପରଷ୍ଟାର ।' ଦୁଇଜଣ ପ୍ରଖ୍ୟାତ ଅଭିନେତା । ଲୋକପ୍ରିୟତାରେ ବି ଦୁଇଜଣ ଶୀର୍ଷରେ । ତେବେ ନିକଟରେ ଏହି ବିଜ୍ଞାପନ ଟିଭି ପରଦାରେ ପ୍ରସାରିତ ହେବା ଦିନଠୁ ଶାହରୁଖଙ୍କ ପ୍ରତି ଅମିତାଭଙ୍କ ସୁପରଷ୍ଟାର ସମ୍ବୋଧନ ଖୁବ ଚର୍ଚ୍ଚାକୁ ଆସିଯାଇଛି । ବଲିଉଡର ପ୍ରଖ୍ୟାତ ସମାଲୋଚକମାନେ ଏହାକୁ ଗୁରୁତ୍ୱ ଦେଇଛନ୍ତି । କେବଳ ବିଗ-ବିଙ୍କ ସଂଳାପରେ ନୁହେଁ, ବାସ୍ତବରେ ଶାହରୁଖ ଜଣେ ସୁପରଷ୍ଟାର ବୋଲି କହିଛନ୍ତି । ଶାହରୁଖ ପ୍ରତ୍ୟୁତ୍ତରରେ ଅମିତାଭଙ୍କ ଉଦ୍ଦେଶ୍ୟରେ କହିଛନ୍ତି 'ସୁପର ସେ ଭି ଉପର ଷ୍ଟାର' ।

ଜଣେ ରାତାରାତି ସୁପରଷ୍ଟାର ହୁଅନ୍ତିନି । ନିଖୁଣ ଅଭିନୟ, ଅଭୁତପୂର୍ବ ବ୍ୟବସାୟିକ ଜବରଦସ୍ତ ସଫଳତା ଆଉ ସୁନ୍ଦର ଚେହେରା ସହ ଚମତ୍କାର ବ୍ୟକ୍ତିତ୍ୱ ହିଁ ଦର୍ଶକ ମାନଙ୍କୁ ସିନେମା ଖିଡ଼କି ପର୍ଯ୍ୟନ୍ତ ଟାଣିଆଣିଥାଏ । ବିଗତ ୨୦୨୩ର ସବୁଠାରୁ ବଡ଼ ଜବରଦସ୍ତ ଏଣ୍ଟରଟେନର ସିନେମା ଥିଲା ତାଙ୍କର 'ଯବାନ' । ପିଲାବେଳୁ ମୋର ସଂଗୀତ ଓ ସିନେମା ପ୍ରତି ପ୍ରବଳ ଦୁର୍ବଳତା । ଶାହାରୁଖ ଖାଁ ମୋ ଜୀବନର ସବୁଠାରୁ ଦୁର୍ବଳତମ ଅଭିନେତା । କିଛି ଦିନ ତଳେ କଟକର ଏକ ସିନେମା ହଲରେ ସ୍ୱାମୀ ଓ ଦୁଇ ପିଲାଙ୍କ ସହ ଏହାକୁ ଦେଖିବାକୁ ଯାଇଥିଲି । ମୋ ସ୍ୱାମୀ ଜଣେ ସାମ୍ବାଦିକ ଓ ଆଇନଜୀବୀ ତଥାପି କେଜାଣି କାହିଁ ତାଙ୍କୁ ଶାହାରୁଖ ଖାଁ ପସନ୍ଦ ହୁଅନ୍ତି ନାହିଁ । ସାମ୍ବାଦିକ ବୃତ୍ତି ଭିତରେ କିଛି ବର୍ଷ ତଳେ ଶାହାରୁଖ ଖାଁଙ୍କ ରାଷ୍ଟ୍ରବାଦ ଓ ଜାତୀୟତାକୁ ନେଇ ଏକ ମନ୍ତବ୍ୟ ଉପରେ ସେ ବ୍ୟକ୍ତିଗତ ଭାବରେ ଦୁଃଖିତ ଓ ମର୍ମାହତ ହୋଇଥିଲେ । କିନ୍ତୁ ସେ ଶାହାରୁଖ ଖାଁଙ୍କ ଚଳଚ୍ଚିତ୍ର ଦେଖନ୍ତି ଆଉ ତାଙ୍କ ଗୀତର ବଡ଼ ଫ୍ୟାନ । 'ଯବାନ' ଚଳଚ୍ଚିତ୍ର ଶାହାରୁଖ ଖାଁଙ୍କ ୫୮ତମ ଜୟନ୍ତୀ ଅବସରରେ ମୁକ୍ତିଲାଭ କରି ବ୍ଲକବଷ୍ଟର ହିଟ ହୋଇଥିଲା । ତା ପୂର୍ବରୁ ତାଙ୍କର ଅଭିନୀତ 'ପଠାନ' ମଧ୍ୟ ୧୦୫୦ କୋଟି ଟଙ୍କାର ବ୍ୟବସାୟ କରିଥିଲା । ତାଙ୍କର ଅଭିନୀତ 'ଡର', 'ବାଜିଗର' ଓ 'ଡନ୍', 'ଦିଲୱାଲେ ଦୁଲହନିଆଁ ଲେ ଯାଏଗେଁ', 'କଭି ଖୁସି କଭି ଗମ', 'ବିରଜରା' ସବୁ ନିଖୁଣତମ ଅଭିନୟର ଯାଦୁର ପରିସ୍ଫୁଟନ ।

ନବେ ଦଶକରେ ଯେତେବେଳେ ଶାହାରୁଖ ଖାଁ ବଲିଉଡରେ ଏଣ୍ଟ୍ରି କରିଥିଲେ ସେ ସମୟର ଦେଶର ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଘଟଣାନାମା ଅତ୍ୟନ୍ତ ରୋଚକ ସ୍ଥିତିରେ ଥିଲା । ୧୯୮୯ରେ ଶାହାରୁଖ ଖାଁ କ୍ୟାରିୟର ଆରମ୍ଭ କରିଥିଲେ 'ଫୌଜୀ' ଧାରାବାହିକରୁ । ୧୯୯୨ରେ 'ଦିୱାନା' ଚଳଚ୍ଚିତ୍ର ପରେ ତିରିଶ ବର୍ଷ ସେ ସିନେମାର ଘଟଣା ପ୍ରବାହର ମହାନାୟକ ପାଲଟିଗଲେଣି । ସେଇଥିପାଇଁ ତାଙ୍କ ପାଖରେ ସମ୍ମାନ ଓ ସ୍ୱୀକୃତିର ଗଦା ଗଦା ପାହାଡ଼ । ୧୪ଟି ଫିଲ୍ମଫେୟାର, ଯେଉଁଥିରେ ଆଠଥର ଶ୍ରେଷ୍ଠ ଅଭିନେତା । କେନ୍ଦ୍ରସରକାରଙ୍କ ପଦ୍ମଶ୍ରୀ ଉପାଧି, ଲଣ୍ଡନର ପ୍ରସିଦ୍ଧ ମାଡ୍ୟାମ ତୁଷଡ଼ ସଂଗ୍ରାହାଳୟରେ ତାଙ୍କ ମହମ ପ୍ରତିମୂର୍ତ୍ତି, ପୃଥିବୀର ୫୦ ଶକ୍ତିଶାଳୀ ଲୋକଙ୍କ ଭିତରେ ଆମେରିକାର ବିଶ୍ୱ ପ୍ରସିଦ୍ଧ ନ୍ୟୁଜ ୱିକ ପତ୍ରିକାରେ ସ୍ଥାନିତ ତାଙ୍କ ପ୍ରତିଭା ହେଉଛି ତାଙ୍କ ଅଭିନୟ ଓ ବ୍ୟକ୍ତିଗତ କଳା ପରିସ୍ଫୁଟନର ନିଦର୍ଶନ । ୧୯୬୫ ନଭେମ୍ବର ୨ରେ ଶାହାରୁଖ ଖାଁ ଜନ୍ମ ହୋଇଥିଲେ । ତାଙ୍କ ବାପା ମିରତାଜ ମହମ୍ମଦ ଖାଁ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ତାଙ୍କ ମାଆ ଲତିଫା ଫାତିମା ଥିଲେ ଜଣେ ସେନା ମେଜର ଜେନେରାଲଙ୍କ ଝିଅ । ଶାହାରୁଖ ଖାଁଙ୍କ ଆଈ ତାଙ୍କୁ ପିଲାବେଳୁ ଅବଦୁଲ ରେହେମାନ ନାଁରେ ଡାକୁଥିଲେ କିନ୍ତୁ ବିଦ୍ୟାଳୟରେ ନାମଲେଖାଇଲା ବେଳେ ବାପା ତାଙ୍କ ନାମ ରଖିଥିଲେ ଶାହାରୁଖ । ୧୯୮୪ରେ ତାଙ୍କ ଜୀବନକୁ ଆସିଥିଲେ ଗୌରୀ । ଗୌରୀ ଥିଲେ ହିନ୍ଦୁ । ତେବେ ଗୌରୀଙ୍କ ବାପା-ମାଆ ଶାହାରୁଖଙ୍କୁ ଗ୍ରହଣ କରିବା ପାଇଁ ମନା କରିଥିଲେ । ତେବେ ଶାହାରୁଖ ଖାଁଙ୍କ ନାଁ ବଦଳାଇ ଗୌରୀ ଚାହିଁଥିଲେ 'ଅଭିନବ' ରଖିବାକୁ ଯାହାଦ୍ୱାରା ସେ ଜଣେ ହିନ୍ଦୁ ଭାବେ ସମସ୍ତଙ୍କ ବିଶ୍ୱାସ ଭାଜନ ହେବେ । ଏକ ମଜା କଥା ଅନେକ ଜାଣି ନଥିବେ ଗୌରୀ ଓ ଶାହାରୁଖ ଖାଁ ତିନି ତିନିଥର ବାହାଘର ହୋଇଥିଲା । ପ୍ରଥମେ କୋର୍ଟ ମ୍ୟାରେଜ ପରେ ୧୯୯୧ ଅଗଷ୍ଟ ୨୬ରେ ମୁସଲିମ ପ୍ରଥା ଅନୁଯାୟୀ ନିକାହ, ସେହିବର୍ଷ ଅକ୍ଟୋବର ୨୫ରେ ହିନ୍ଦୁ ରୀତିନୀତି ବ୍ୟବସ୍ଥାରେ ବିବାହ । ଯେଉଁ ନାଁକୁ ଗୌରୀ ବଦଳାଇବା ପାଇଁ ଚାହୁଁଥିଲେ ଆଜି ସେହି ନାଁ ହିଁ ସିନେମା ଓ ବିଜ୍ଞାପନ ନିର୍ମାତାଙ୍କ ପ୍ରଥମ ପସନ୍ଦର ଶବ୍ଦ । ଜୀବନରେ ସଫଳତା ଭିତରେ ବିଫଳତା ମଧ ରୁହେ । ଅନେକ କଷ୍ଟ ସେ ସହିଛନ୍ତି । ତେବେ ୨୦୨୧ରେ ତାଙ୍କ ପୁଅ ଆରିଅନ ଗିରଫ ହୋଇଥିଲେ । ସେହିପରି ୨୦୧୪ରେ ଆଇପିଏଲ ମ୍ୟାଚ ସମୟରେ ଷ୍ଟାଡ଼ିୟମର ଦୁର୍ବ୍ୟବହାର ପାଇବା ପରେ ନିଜ ଦୁଇ ପିଲା ଆରିୟନ ଓ ଶୌହାନାକୁ ଧରି ହୋଟେଲ କକ୍ଷରେ ଭୋ ଭୋ ହୋଇ କାନ୍ଦିଥିଲେ । ଅଫ ସ୍କ୍ରିନରେ ଶାହାରୁଖ ଖାଁ ଜି-୨୦ ସମ୍ମିଳନୀ ଠାରୁ ନୂଆ ସଂସଦ ଭବନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେ କେନ୍ଦ୍ର ସରକାରକୁ ସମର୍ଥନ କରିଛନ୍ତି । କିଛି ବର୍ଷ ତଳେ ଓଡ଼ିଶାର ରାଜନଗର ଅଞ୍ଚଳର ଏକ ଜଳ କଷ୍ଟ ପାଉଥିବା ଗ୍ରାମ ଓ ଆଖପାଖ ଅଞ୍ଚଳ ପାଇଁ ସେ ପର୍ଯ୍ୟାପ୍ତ ଅର୍ଥ ରାଶି ପଠାଇଥିଲେ ଜଣେ ସାମାନ୍ୟ ପରିଚିତ ବ୍ୟକ୍ତିଙ୍କ ଠାରୁ ଏହି ଖବର ଶୁଣିଲା ପରେ । ଭାରତର ଓ ବିଶ୍ୱର ଅନେକ ବଦାନ୍ୟ ସଂଗଠନ ସହ ସେ ଜଡ଼ିତ । ତାଙ୍କ ନିଜସ୍ୱ ପ୍ରଯୋଜନା ସଂସ୍ଥା, ରେଡ ଚିଲିଜ୍ ଏଣ୍ଟରଟେନମେଣ୍ଟ ଏବେ ସଫଳତା ପାଉଛି । ତାଙ୍କ ବାସଭବନ ମନତ ସମ୍ମୁଖରେ ଏବେ ବି ପ୍ରତିଦିନ ଭାରତର କୋଣଅନୁକୋଣରୁ ଆସୁଛନ୍ତି ଦର୍ଶକମାନେ ଟିକେ ଝଲକ ପାଇବା ପାଇଁ । ଶାହାରୁଖ ଖାଁ ନିଜ ବ୍ୟକ୍ତିତ୍ୱ, ପ୍ରତିଷ୍ଠା ଓ ଅଭିନୟର ଯାଦୁରେ ତିରିଶ ବର୍ଷରୁ ଉର୍ଦ୍ଧ୍ୱକାଳ ଅତିକ୍ରମ କରିସାରିଥିଲେ ମଧ ସେ ୫୮ ବର୍ଷ ବୟସର ବୋଲି ଜଣାପଡ଼ନ୍ତି ନାହିଁ । ତାଙ୍କର ଷ୍ଟାରଡମ୍ ତିଳେମାତ୍ର ଖସିନି । ତାଙ୍କ ଅଭିନୟର ଦକ୍ଷତା ଏବେ ବି ଲୋକପ୍ରିୟତାର ଶୀର୍ଷରେ ଅତୁଟ ରହିଛି । ସତରେ ଭାରତୀୟ ସିନେମାର ସେ ହେଉଛନ୍ତି ସୁପର ଷ୍ଟାର ଓ ଯଥାର୍ଥରେ ସେ ହିଁ..... 'ମେଁ ହୁଁ ଡନ୍' ।



ଅନୁପମା ଭୂୟାଁ

'ସାଇବିଥି' ୭ଡ/୧୩୫୪,
ସେକ୍ଟର-୯, ସିଡିଏ, କଟକ

# ଇଂରାଜୀ ନୂଆ ବର୍ଷ ଓ ଆମେ

ଆମେ ଆମ ଘରର ଝରକା କବାଟ ଖୋଲା ରଖିବା । ଦେଶ ବିଦେଶର ସବୁ ସଭ୍ୟତା, ସଂସ୍କୃତି, ଧର୍ମର ପବନ ଆମ ଘର ଭିତରକୁ ଆସୁ କିନ୍ତୁ ଆମ ନିଜସ୍ୱ ଧର୍ମ ଓ ସଂସ୍କୃତି ପାଖରୁ ଆମ ପାଦ ଯେମିତି ହଟି ନଯାଉ ସେଥିପ୍ରତି ଯଥେଷ୍ଟ ଯତ୍ନଶୀଳ ହେବା । ଆସିଛି ନୂତନ ଇଂରାଜୀ ବର୍ଷ ୨୦୨୪ । ଏହି ଉପଲକ୍ଷେ ଆପଣମାନଙ୍କୁ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଇଂରାଜୀ ନୂଆ ବର୍ଷ ପାଇଁ କେତେ ଭୋଜିଭାତ, ଆନନ୍ଦ ଉଲ୍ଲାସ,ଡିଜେ ବାଜା ସାଙ୍ଗକୁ ଉଦଣ୍ଡ ନୃତ୍ୟ ସବୁଠି । ବୋତଲ ପରେ ବୋତଲ ସଫା । ଆହା,କି ଖୁସି,କି ଆନନ୍ଦ !!! ଜିରୋ ନାଇଟ୍ ସେଲିବ୍ରେସନ । ଫୋନ୍ ରେ,ହ୍ୱାଟସଆପ୍ ରେ ଶୁଭେଚ୍ଛା ବାର୍ତ୍ତା । କିଛି ଅସୁବିଧା ନାହିଁ ଏଥିରେ । ଆମେ ବିଶ୍ୱାସ କରୁଛୁ ସମଗ୍ର ବିଶ୍ୱ ଏକ ପରିବାର । ବିଶ୍ୱାସ କରୁଛୁ ବସୁଧୈବ କୁଟୁମ୍ବକମ୍ ର ମହାନତାରେ । କିନ୍ତୁ କଥା ହେଉଛି ଆମେ ଯେମିତି ଇଂରାଜୀ ନବବର୍ଷ କୁ ଧୁମଧାମରେ ପାଳନ କରୁଛୁ , ସେମିତି ନିଜର ନିଜସ୍ୱ ନୂଆ ବର୍ଷ ପଣା ସଂକ୍ରାନ୍ତି ଦିନ ଆମେ ସତରେ କେତେ ଖୁସି ହେଉଛୁ ? ଆମ ମନ ଭିତରେ ଆସେ କି ଇଂରାଜୀ ନୂଆ ବର୍ଷ ପରି ଉଦ୍ଦୀପନା ? ଆମ ଭିତରୁ କେତେଜଣ ସେଦିନ ପାଖ ମନ୍ଦିରକୁ ଯାଇ ସମାଜର ମଙ୍ଗଳ ଓ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତି ? ଶୁଭେଚ୍ଛା ବାର୍ତ୍ତା ଆଦାନ ପ୍ରଦାନ କରନ୍ତି ? ଭୋଜିଭାତର ଆୟୋଜନ କରନ୍ତି ? ହୁଏ ,କିନ୍ତୁ ଇଂରାଜୀ ନୂଆ ବର୍ଷ ଭଳି ନୁହେଁ । ଆମ ପାଦ ଟିକେ ନିଜର ମହାନ ପରମ୍ପରା ଓ ସଂସ୍କୃତି ପାଖରୁ ଦୂରେଇ ଯାଇନି ତ ? ଯଦି ହଁ, ତାହେଲେ ତ ଆମ ଭୂଖଣ୍ଡର ନିଜର ସଭ୍ୟତା ସଂସ୍କୃତି ନିମ୍ନଗାମୀ ହେଉଛି ବୋଲି ଧରି ନିଆଯିବ । ଚକମକ ଦେଖାଯାଉଥିବା ବେଙ୍ଗି ପିତଳକୁ ସୁନା ଭାବି ଆମେ ଆପଣେଇ ନେଉଛୁ ଯେତେବେଳେ ବିଶ୍ୱର ଅନେକ ସଭ୍ୟତା ଆମର ସର୍ବପୁରାତନ ହୀରାର ସଂସ୍କୃତିକୁ ଆଦରି ନେବାକୁ ଆଗଭର । ଏମିତି କାହିଁକି ହେଉଛି । କାହିଁକି ଆମେ ଭୁଲି ଭୁଲି ଯାଉଛୁ ଆମ ପ୍ରଥା ପରମ୍ପରା ସଭ୍ୟତା ସଂସ୍କୃତି କୁ ? ଆମ ପର୍ବ ପର୍ବାଣୀ ମାନସ ପଟରୁ ଧିରେ ଧିରେ ଲିଭି ଲିଭି ଯାଉଛି । ଏହାର ପଛରେ କାରଣ ସବୁ କ'ଣ ? କାରଣ ସବୁ ଲୁଚି ରହିଛି ଆମ ମାନସିକତାରେ । ଛୋଟବେଳୁ ପିଲାଙ୍କୁ ଅତ୍ୟାଧୁନିକତାର ତଣ୍ଟିକଟା ପ୍ରତିଯୋଗୀତାରେ ପଶୁଙ୍କ ଭଳି ସାମିଲ୍ ହେବାକୁ ବାଧ୍ୟ କରୁଛୁ । ଶୈଶବ କୁ ଉପଭୋଗ କରିବାକୁ ଦେଉନୁ । ଟିକିଏ କଥା କହି ଶିଖିବା ପରେ ପ୍ଲେ ସ୍କୁଲରେ ଭର୍ତ୍ତି କରି ଦେଉଛୁ । ମାତୃଭାଷା ବଦଳରେ ବିଦେଶୀ ଭାଷାରେ ଶିକ୍ଷା ଦେଉଛୁ । ଦେଶପ୍ରେମ ,ଭାଇଚାରା ,ସଂସ୍କୃତି ବିଷୟରେ ଶିକ୍ଷା ଦେବା ବଦଳରେ ପୁସ୍ତକ କୀଟ କରି ଦେଉଛୁ । ବହିରେ ଯାହା ଲେଖା ଯାଇଛି ଘୋଷି ଦେଇ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ଆଣିଲେ ହେଲା । ଆମ ମହାନ ଧର୍ମଗ୍ରନ୍ଥ ପଢିବାକୁ ଉତ୍ସାହିତ କରିବା ବଦଳରେ ହେରି ପୋର୍ଟର ଦେଉଛୁ ପଢ଼ିବା ପାଇଁ । ନିଜ ମାଟିର ମହାପୁରୁଷଙ୍କ କଥା ପିଲାଙ୍କୁ କହୁନୁ । ବୀର ଅର୍ଜୁନ,କର୍ଣ୍ଣ, ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଷୟରେ ପଢ଼ିବାର ବିଶେଷ ସୁଯୋଗ ନାହିଁ ପିଲା ପାଇଁ । ପିଲା ପଢୁଛି ମୋଗଲ ସାମ୍ରାଜ୍ୟର ଇତିହାସ, ଖିଲ୍ଜି ଡାଇନାଷ୍ଟିର କଳଙ୍କିତ ଅଧ୍ୟାୟ , ଦୁଇଶହ ବର୍ଷ ଶାସନ କରିଥିବା ଇଂରେଜ ଶାସନର ଇତିହାସ । ଅତୀତର ଇତିହାସ ପଢ଼ିବା ବି ଜରୁରୀ । କିନ୍ତୁ ଏଥିରେ କ'ଣ ଆମ ନୂଆ ବର୍ଷ , ହନୁମାନଙ୍କ ଜୟନ୍ତୀ ବିଷୟରେ ଲେଖାଯାଇଅଛି କି । ' ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟାବହି ମୋର ଗୁହାରି,' ଭଳି ପ୍ରାର୍ଥନାର ସମ୍ମିଳିତ ସୁମଧୁର ଶାନ୍ତି ପ୍ରଦାୟକ ସ୍ୱର ଆଉ ଶୁଭୁନି ପ୍ରାର୍ଥନା ଶ୍ରେଣୀରେ । ଯିଏ ଯେତେ ଭଲ ବିଦେଶୀ ଭାଷା କହି ପାରୁଛି,ଲେଖି ପାରୁଛି , ତା'ର ସମ୍ମାନ ସେତେ ଅଧିକ । ନିଜ ମାତୃଭାଷାରେ ଖାଲି ଟିକେ ବଙ୍କାତେଢା ଦସ୍ତଖତ ଶିଖିଗଲେ ହେଲା । ବିଶ୍ୱର ଅନେକ ବିଦେଶୀ ଭାଷା ପିଲା ଶିଖନ୍ତୁ , ପଢନ୍ତୁ, ପ୍ରତିଯୋଗିତା ମୂଳକ ସଂସାରରେ ନିଜକୁ ଆଗକୁ ନିଅନ୍ତୁ ଏଥିରେ କିଛି ଅସୁବିଧା ନାହିଁ । କିନ୍ତୁ ନିଜ ମାତୃଭାଷା ଓ ମାତୃଭୂମିକୁ ହୃଦୟରେ ରଖନ୍ତୁ । ଛୋଟ ବେଳୁ ମାଆ ଓ ମାତୃଭାଷା , ନିଜ ସମାଜର ଚାଲିଚଳଣି, ପର୍ବ ପର୍ବାଣୀ ବିଷୟରେ ପିଲା ଶିକ୍ଷା ନପାଇଲେ କେମିତି ଶିଖିବ । ପିଲା ଶିଖିବାର ତିନିଟି ବାଟ ବୋଲି ମୋର ବ୍ୟକ୍ତିଗତ ଚିନ୍ତାଧାରା , ନିଜ ପରିବାର , ସମାଜ ଓ ଶିକ୍ଷା ବ୍ୟବସ୍ଥା । ପିଲା ନିଜ ପରିବାରରୁ ଶିଖେ ସଂସ୍କାର, ଭଲପାଇବା, ପରୋପକାର, ସ୍ନେହ, ଶ୍ରଦ୍ଧା ,ଦୟା ଭଳି ମହତ ମଣିଷପଣିଆର ଗୁଣ । ଜେଜେମା ପାଖରୁ ଶୁଣେ ନାନା ଅଶରନ୍ତି ଗପର ପେଡ଼ି । ବାସ୍ତବ ଜୀବନରୁ ବାହାରି କିଛି ସମୟ ପାଇଁ ହେଉ ପଛେ, ଉଡିବୁଲେ କଳ୍ପନାର ସୀମାହୀନ ଇଲାକାରେ ।ସମାଜରୁ ଶିଖେ ସମସ୍ତଙ୍କୁ ନେଇ ସୁସ୍ଥ ଶାନ୍ତିପୂର୍ଣ୍ଣ ଜୀବନ ଜିଇଁବାର କଳାକୌଶଳ । ବିଦ୍ୟାଳୟ ରେ ପାଠ ପଢିବା ସହିତ ବନ୍ଧୁତା, ଆଗକୁ ବଢିବା ପାଇଁ ମୂଲ୍ୟବାନ ପ୍ରତିଯୋଗିତା ମନୋଭାବ, ଶିକ୍ଷାଦାନ କରୁଥିବା ପୂଜ୍ୟ ଶିକ୍ଷକ ମାନଙ୍କ ପ୍ରତି ସମ୍ମାନ ବୋଧ , ଆଙ୍କାଧିନତା ଓ ଦେଶ ବିଦେଶର ଅନେକ କଥା । କିନ୍ତୁ ହାୟ !!! ଆଜିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ଆମେ ସମସ୍ତେ କେବଳ ପାର୍ଥିବ ସମୃଦ୍ଧି ପଛରେ ଧାଇଁ ଧାଇଁ ହାଲିଆ । ଆମେ ଭୁଲି ଯାଉଛୁ ଟଙ୍କା କେବେ ଶାନ୍ତି ସୁଖ ନିଦ୍ରା ଦେଇ ପାରିବ ନାହିଁ । ଦେଶର ଭବିଷ୍ୟତ ପିଢ଼ିଙ୍କୁ ନିଜ ଭୂଖଣ୍ଡର ମହନୀୟତା ସଂପର୍କରେ ଅବଗତ କରେଇବା ଆମର କର୍ତ୍ତବ୍ୟ । ଦେଶର ଦୃଢ଼ତା ଓ ପ୍ରଗତି ପାଇଁ ଏହା ଅତ୍ୟନ୍ତ ଜରୁରୀ ।

ଆଗ ଭଳି ଆମ ନିଜ ପର୍ବ ପାଳନର ମଜା ଉଭେଇ ଗଲାଣି । ମକର, ହୋଲି, ନୂଆଖାଇ, ଦୀପାବଳିରେ କିଛିଟା ଖୁସି ମିଳୁଛି । ବିଦେଶୀ ଭାଷା ବିଦ୍ୟାଳୟରେ ପାଠପଢୁଥିବା ପିଲାମାନେ ତ ପ୍ରଭୁ ବିଦ୍ୟାଦାତା ଗଣେଶ ଓ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କୁ ଭୁଲି ଗଲେଣି । ହୋଲିରେ ରଙ୍ଗ ଖେଳରେ ଅଯଥା ଜଳ ନଷ୍ଟ ହେଉଛି ବୋଲି କିଛି ଲୋକ ବିରୋଧ କରୁଥିବାର ଖବର ବେଳେ ବେଳେ ଶୁଣିବାକୁ ମିଳେ । ଦୀପାବଳିରେ ବାଣ ଫୁଟେଇଲେ କିଛି ସେଲିବ୍ରିଟି ଙ୍କ କୁକୁର ଡରୁଛନ୍ତି ବୋଲି ସେମାନେ ମତ ଦିଅନ୍ତି । ସନାତନ ସଂସ୍କୃତି ଉପରେ ସବୁବେଳେ ଆକ୍ରମଣ କ'ଣ ପାଇଁ ? ଅନ୍ୟ କାହାର ସଂସ୍କୃତି ଉପରେ ତ କାହାରି ପାଟି କାହିଁ ବିଶେଷ ଖୋଲୁନି । ଦେଶକୁ ଟୁକୁଡା ଟୁକୁଡା କରିବାର ନାରାବାଜି କରୁଥିବା ଲୋକଙ୍କ ସପକ୍ଷରେ ଅନେକ ବୟାନ ବାଜି କରୁଛନ୍ତି । ଯେ ନିଜର ମାଟି,ମାଆ ଓ ଦେଶକୁ ଭଲ ପାଇବା ଶିଖିନି , ତାକୁ କ'ଣ ଭଲ ମଣିଷ କୁହା ଯାଇ ପାରିବ ? ଏସବୁ ନିଶ୍ଚିତ ଆମର ଅପାରଗତା ଓ ବଦଳୁଥିବା ମନୋଭାବକୁ ସୂଚାଉଛି । ବଦଳିବା ସୃଷ୍ଟିର ଏକ ଚିରନ୍ତନ ପ୍ରକ୍ରିୟା । କିନ୍ତୁ ତା ଅର୍ଥ ନୁହେଁ ଯେ ନିଜଠୁଁ ନିଜକୁ ଦୂରେଇ ରଖିବା । ଗୋଟେ ମେଣ୍ଢା ଯେଉଁ ବାଟରେ ଯାଏ,ଦଳକଯାକ ମେଣ୍ଢା ସେହି ରାସ୍ତାରେ ଯାଆନ୍ତି । ମଣିଷ ସମାଜର ଶ୍ରେଷ୍ଠ ପ୍ରାଣୀ । ଈଶ୍ୱର ଆମକୁ ବୁଦ୍ଧି ବିବେକ ସବୁକିଛି ଦେଇଛନ୍ତି । ତେଣୁ ଈଶ୍ୱରଙ୍କ ପ୍ରଦତ୍ତ ବୁଦ୍ଧି ବିବେକ ଖଟେଇ କେଉଁଟା ଭୁଲ୍ କେଉଁଟା ଠିକ୍ ଆମେ ବିଚାର କରିବା ଉଚିତ । ଅନୁକରଣ କରିବାରେ ବିଶେଷ ଅସୁବିଧା ନାହିଁ କିନ୍ତୁ ସଂପୂର୍ଣ୍ଣ ହନୁକରଣ କରିବା ହାସ୍ୟାସ୍ପଦ ।ଇଂରାଜୀ ନୂଆ ବର୍ଷ ପାଳନ ହେଉ, ସମସ୍ତେ ଖୁସି ହୁଅନ୍ତୁ ନହେଲେ ଜୀବନର ସରସତା କମିଯିବ ଯେ । କିନ୍ତୁ ଯେମିତି ଭାବରେ ଇଂରାଜୀ ନୂଆ ବର୍ଷ ପାଳନ ହେଉଛି , ସେମିତି ଆମେ ଆମ ନିଜର ନୂଆ ବର୍ଷକୁ , ପ୍ରଭୁ ମହାବୀର ହନୁମାନ ଜୟନ୍ତୀ କୁ ହର୍ଷ ଉଲ୍ଲାସ ଓ ଭକ୍ତିର ସହିତ ପାଳନ କଲେ, ଏ ଦେଶର ଗୌରବ ନିଶ୍ଚିତ ବଢିବ । ଭୁଲ୍ ଠିକ୍ ର ବିଚାର କରିବେ ଆପଣମାନେ । ଏ ମହାନ ଦେଶର ପ୍ରଗତି ଓ ମହାନ ପବିତ୍ର ସଂସ୍କୃତିର ବାର୍ତ୍ତା ବହନ କରିବେ ଆମ ଭବିଷ୍ୟତ ପିଢ଼ି । ତେଣୁ ସେମାନଙ୍କୁ ଠିକ୍ ରାସ୍ତା ଦେଖେଇବା ଓ ଭଲ କଥା ଶିଖେଇବା ନିର୍ଭରଶୀଳ ଆମ ପରିବାର, ସମାଜ ଓ ଶିକ୍ଷା ବ୍ୟବସ୍ଥା ଉପରେ । ଯଦି କେଉଁଠି ଭୁଲ୍ ରହି ଯାଉଛି, ତାକୁ ସୁଧାରିବା ଦାୟିତ୍ୱ ଆମ ସମସ୍ତଙ୍କର ନହେଲେ ସମୟ ଆସିବ ଆମ ସଂସ୍କୃତି ଚୁଲିରେ ପାଉଁଶ ହେଇଯାଇଥିବ ଆଉ ଆମେ ଖାଲି ଆଉ କାହା ପଛରେ ଗୋଡ଼ ?ଇ ଚାଲିଥିବା । ଭୁଲି ଯିବାନି ଯେ ମାଗିକରି ଅଣାଯାଇଥିବା ତରକାରି ସୁଡୁକାଏ ବୋଲି । ଅନ୍ୟର ସୁଆଦିଆ ମାଉଁସ ଝୋଳ ଠାରୁ ନିଜ ଘରର ଶାଗ ପଖାଳ ବହୁତ ଭଲ । ଆଉଥରେ ଆପଣମାନଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଆସୁଥିବା ଆମ ନିଜର ନୂଆ ବର୍ଷ ପଣା ସଂକ୍ରାନ୍ତି ଉପଲକ୍ଷେ ପ୍ରଭୁ ହନୁମାନଙ୍କ ପାଦତଳେ କୋଟି ପ୍ରଣାମ ଜଣାଇ ବିଶ୍ୱର ଶାନ୍ତି ପାଇଁ ପ୍ରାର୍ଥନା ।

ଓଁ ସର୍ବ ଭବନ୍ତୁ ସୁଖିନଃ
ସର୍ବ ସନ୍ତୁ ନିରାମୟଃ
ସର୍ବ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖଭାଗ ଭବେତ
ଓଁ ଶାନ୍ତି ଶାନ୍ତି ଶାନ୍ତିଃହି ।



ଭାସ୍କର ବାରିକ୍

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ଈଶ୍ୱର ଆମର ପ୍ରକୃତ ଗୁରୁ

ଥରେ ଈଶ୍ୱରଙ୍କୁ ଦେଖିବାକୁ ଚାହୁଁଥିବା ଜଣେ ସାଧକ ଜ୍ଞାନଚକ୍ଷୁ ପାଇବା ନିମନ୍ତେ ଗୋଟିଏ ଗୁମ୍ଫାରେ ବାସ କରୁଥିବା ଜଣେ ଗୁରୁଙ୍କ ପାଖକୁ ଗଲା । ଗୁମ୍ଫା ପାଖରେ ପହଞ୍ଚି ସେ ଗୋଟିଏ ଛୋଟ ଆଲୋକ ଦେଖିଲା । ମାତ୍ର ଆଗକୁ ଯିବାରୁ ଆଲୋକଟି ଆଉ ଦେଖାଗଲା ନାହିଁ । ଅନ୍ଧାର ହେଲେ ଆମକୁ ଡରମାଡ଼େ, ଆଉ ଭୟ ଲାଗିଲେ ଆମେ ଖୁବ ଆକୁଳରେ ଈଶ୍ୱରଙ୍କୁ ଡାକୁ । ତେଣୁ ଅନ୍ଧାରରେ ସାଧକଟି ବଡ଼ ପାଟିରେ ନମଃ ଶିବାୟ ଜପିବାକୁ ଲାଗିଲା । ଏହା ଶୁଣି ଗୁମ୍ଫାରେ ଥିବା ମହାତ୍ମା ତାକୁ ପଚାରିଲେ ସେ କିଏ । ସାଧକେ ଉତ୍ତର ଦେଲା ସେ ଜଣେ ଅନୁଗ୍ରହପ୍ରାର୍ଥୀ । ମହାତ୍ମା କେବଳ ବାୟୁ ଆହାର କରି ବଞ୍ଚିଥିଲେ । ସେ ଏ ଲୋକଟିର ମନୋଭାବ ଜାଣିପାରିବାର ସାମର୍ଥ୍ୟ ତାଙ୍କର ଥିଲା । ସେ ତାକୁ କହିଲେ ସେ ତାର ସବୁ ପ୍ରଶ୍ନର ଉତ୍ତର ଦେବେ, ମାତ୍ର ପ୍ରଥମେ ସେ ଲିଭିଯାଇଥିବା ଦୀପଟିକୁ ସେ ଜାଳିଦେଉ । ସାଧକ ଗୋଟିଏ ଦିଆସିଲି ନେଇ ଦୀପଟିଏ ଜାଳିବାକୁ ଚେଷ୍ଟା କଲା । ମାତ୍ର ଦୀପଟି ଜଳୁନାହିଁ । ସେ ମହାତ୍ମାଙ୍କୁ କହିଲା ଯେ ଦିଆସିଲି ସରିଗଲାଣି, ମାତ୍ର ଦୀପଟି ଜଳୁନାହିଁ । ଗୁରୁଦେବଙ୍କ ଉପଦେଶାନୁସାରେ ଦୀପଟିକୁ ପରୀକ୍ଷା କରି ସେ ଦେଖିଲା, ସେଥିରେ ତେଲ ନାହିଁ, ପାଣି ଭର୍ତ୍ତି ହୋଇଛି । ଦୀପରୁ ପାଣି କାଢ଼ି ଦେଇ ତେଲ ଭର୍ତ୍ତି କଲେ ମଧ ଦୀପ ନ ଜଳିବାରୁ ଗୁରୁ କହିଲେ ବଳିତାଟି ପାଣିରେ ଓଦା ହୋଇ ରହିଥିବାରୁ ଦୀପ ଜଳୁନାହିଁ । ବଳିତାଟିକୁ ଭଲ କରି ଚିପୁଡ଼ି ପାଣି ବାହାର କରି ଦେଲେ ଦୀପ ଜଳିବ । ସେପରି କରିବାରୁ ଦୀପଟି ଜଳିଲା । ତାପରେ ସେ ଗୁରୁଙ୍କ ଆଗରେ ବସି ତା ମନର ପ୍ରଶ୍ନ ପଚାରିଲା । ଗୁରୁ ଆଶ୍ଚର୍ଯ୍ୟ ହୋଇ କହିଲେ ତା ପ୍ରଶ୍ନର ଉତ୍ତର ତ ସେ ଦେଇସାରିଲେଣି । ମାତ୍ର ଆଗନ୍ତୁକ ସାଧକ ଏହା ବୁଝି ନପାରି ଭଲକରି ବୁଝାଇ ଦେବାକୁ ଅନୁରୋଧ କରିବାରୁ ଗୁରୁ ଉତ୍ତର ଦେଲେ, ତୁମର ହୃଦୟ ଦୀପରେ କିଛି ଜୀବରୂପୀ ବଳିତା । ମାତ୍ର କାମନା ବାସନାରେ ପାଣିରେ ଏହା ଓଦା ହୋଇଯାଇଛି । ସେଥିପାଇଁ ଏଥିରେ ଜ୍ଞାନର ଆଲୋକ ସଞ୍ଚରିତ ହେଉନାହିଁ । ଏଥିରୁ ବାସନାର ପାଣିକୁ ବାହାର କରିଦିଅ, ସେଥିରେ ନାମ ସ୍ମରଣର ତେଲ ଭରିଦିଅ, ବୈରାଗ୍ୟର ଖରାରେ ବଳିତାଟିକୁ ଶୁଖାଇ ଦୀପରେ ରଖି ମୋ ପାଖକୁ ଆସ, ସେଥିରେ ଜ୍ଞାନର ଆଲୋକ ଜଳିବ । ତେଣୁ ଆମ୍ଭମାନଙ୍କ ପାଇଁ ସାଧନା ହେଲା ଜୀବ ବଳିତାଟିକୁ କାମନା ବାସନାରୁ ମୁକ୍ତ କରି ହୃଦୟରେ ଭକ୍ତି ଭରିଦେବା । ତାହା ହେଲେ ଯାଇ ସେଥିରେ ଜ୍ଞାନର ଆଲୋକ ଜଳିବ, ଆମେ ଆତ୍ମାର ଅମର ଜ୍ୟୋତି ଦେଖିବା । ଭ ଗ ବା ନ ଙ୍କ ସମ୍ଭାଷଣରୁ ଯାହା ଶିକ୍ଷା ଲାଭ କରୁଛେ, ସେ ସବୁ ଯଦି ଆମେ ଅଭ୍ୟାସ କରିବା, ତେବେ ଆମ୍ଭେ ନିଜେ ତ ଏହି ଜ୍ଞାନଜ୍ୟୋତି ଦେଖିପାରିବା, ଏହା ବାଦ ଅନ୍ୟମାନଙ୍କୁ ବି ସାହାଯ୍ୟ କରିପାରିବା । ମାତ୍ର କେବଳ ଏହି କଥାଗୁଡ଼ିକୁ ମନେରଖି ଯଦି କେବଳ ଆବୃତ୍ତି କରିବା ତାହାହେଲେ ସମସ୍ତେ ଭାବିବେ ଯେ ସମ୍ଭାଷଣରେ ଅର୍ଥ ହେଉଛି କେବଳ କିଛି ଫାଙ୍କା କଥାର ଶିକ୍ଷା । ଗୃହପତ୍ନୀ କହିଲେ ସେ ତାଙ୍କୁ ପେଟପୁରା ଭୋଜନ ଦେବେ, ମୁଠାଏ ଚାଉଳ ନୁହେଁ । ତେଣୁ ସେ ପ୍ରଥମେ ଯାଇ ପାଖ ନଦୀରେ ସ୍ନାନ କରିଆସନ୍ତୁ । ତେଣୁ ତାଙ୍କୁ ସଙ୍ଗେ ସଙ୍ଗେ ଭୋଜନ ମିଳିଯାଉ । ଗୃହପତ୍ନୀ ମଧ ନିର୍ବୋଧ ନଥିଲେ, ସେ ଉତ୍ତର ଦେଲେ ତାହା ହେଲେ 'ରାମନାମାମୃତ ସଦା ଭୋଜନଂ', ରାମନାମର ଭୋଜନ କରି ସେ ଫେରି ଯାଆନ୍ତୁ । ଅଳସୁଆ ଜଣଙ୍କ ଉଚିତ ଶିକ୍ଷା ପାଇଲେ । ଜୀବନର ପ୍ରତିଟି କ୍ଷେତ୍ରରେ ଆମକୁ କର୍ମ ତତ୍ପର ହୋଇ ଈଶ୍ୱର ବିଶ୍ୱାସ ରଖି ସମର୍ପଣ ଚେତନାରେ ନିଜକୁ ନିୟୋଜିତ ରଖିବା ଏହା ହିଁ ଯଥାର୍ଥ ଜୀବନ ଚେତନା ।



ସୌର ଚନ୍ଦ୍ର ମହାପାତ୍ର

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ ? ରାମଙ୍କୁ ଆମେ କାହିଁକି ମାନିବୁ ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା ? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି ? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିଓ୍ୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**—ଚିତ୍ତରଞ୍ଜନ ମହାପାତ୍ର**
**ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪**

# ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟି, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ



ବର୍ତ୍ତମାନର ସମୟକୁ ଦେଖିଲେ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ପବନରେ ଗଢ଼ା ଆମ ଏହି ସ୍ଥୂଳ ତତ୍ତ୍ୱରେ ଏହି ତିନୋଟି ଉପାଦାନର ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ଜୀବନ ଭିତରେ ସମସ୍ତେ ଅନେକ ଅବସକୁ ଅନୁଭବ କରନ୍ତି। ଅନେକ ବ୍ୟସ୍ତବହୁଳ ଜୀବନ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଏହା ଅନୁଭବୀ କରିଥାଏ ଯେ ଆବହମାନ ସମୟରୁ ଆମ୍ଭେମାନେ ଭାବେ ଜଡ଼ିତ। ମାଟି, ପାଣି ଓ ଶରୀର ଏବଂ ପ୍ରତିଟି ମଣିଷର ଶରୀର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ସମୟରେ କ୍ଳାନ୍ତ ବା ଶରୀରର ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଶମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

**ବିଜୟ କୁମାର ପୃଷ୍ଟି**, ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

# ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧ୍ୟକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

# ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅର୍ଘ୍ୟ ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

# ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି । ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା । ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ । ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ । ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି ।

# ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରି କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ଅର୍ପଣ ରଥକୁ ବିଭିନ୍ନ ସ୍ଥାନରେ ସ୍ୱାଗତ

ଧର୍ମଶାଳା,(ପି.ଏନ୍):: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ହେବ । ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅର୍ପଣ ରଥ ୬ ତାରିଖରୁ ପଂଚାୟତ ପକ୍ଷରୁ ବିଭିନ୍ନ ଗ୍ରାମ ପରିକ୍ରମା କରୁଛି । ଗ୍ରାମ ଗୁଡ଼ିକରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଉଥିବା ଦେଖାଯାଇଛି । ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତରେ ଅର୍ପଣ ରଥ ପରିକ୍ରମା କରୁଛି । କୁମାରୀ ପଂଚାୟତ ପକ୍ଷରୁ ୬ ଗୋଟି ଗ୍ରାମ କୁମାରୀ, ଦେଉଳି, ଦେଉଳିପାଳ, ପଣ୍ଡୁଆ ଓ ଜାମୁବଣିଆ ଆଦି ଗ୍ରାମରେ ଅର୍ପଣ ରଥ ଆଜି ପରିକ୍ରମା କରି ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଂଚାୟତରୁ ସଂଗୃହିତ ଚାଉଳ ଓ ଗୁଆ ସଂଗ୍ରହ କରାଯାଇ ୧୭ ତାରିଖରେ ପୁରୀ ପଠାଇବା ପାଇଁ ବ୍ୟବସ୍ଥା କରାଯାଇଛି ।

# କଳାପଥର ଖାଦାନରୁ ବ୍ଲାଷ୍ଟିଂ ସାମଗ୍ରୀ ଜବତ

ଧର୍ମଶାଳା,(ପି.ଏନ୍): ଧର୍ମଶାଳା ତହସିଲ ପକ୍ଷରୁ ଆଜି ବାଜବାଟି ପାହାଡ଼ରେ ଚଢ଼ଉ କରାଯାଇ କଳାପଥର ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଯନ୍ତ୍ରାଂଶ ଜବତ କରାଯାଇଛି । ବାଜବାଟି ପାହାଡ଼ରେ ବେଆଇନ ଭାବେ କଳପଥର ଖନନ ଓ ପରିବହନ ହେଉଥିବା ଖବର ପାଇ ତହସିଲଦାର ଶୁଭେନ୍ଦୁ କୁମାର ମହାନ୍ତି, ଅତିରିକ୍ତ ତହସିଲଦାର ଭବେଶ୍ ମାଝି, ଆର୍ଆଇ ସୁପରଭାଇଜର ସୁଜିତ୍ ସାମଲ, ଆର୍ଆଇ ନନ୍ଦନ କୁମାର ସାହୁ ଓ ନାକପୋଲ ଏଆର୍ଆଇ ଜଗବନ୍ଧୁ ଜେନା ଚଢ଼ଉ କରିଥିଲେ । ଏହି ସମୟରେ ପଥରମାଫିଆ ଓ ଶ୍ରମିକମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ତହସିଲ କର୍ତ୍ତୃପକ୍ଷ କଳାପଥର ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଯନ୍ତ୍ରାଂଶ ଜବତ କରି ଫେରିଛି । ସୂଚନାଯୋଗ୍ୟ, ଗତ ୬ତାରିଖରେ ଏଠାରେ ଚଢ଼ଉ କରାଯାଇ ୨ଟି ଟ୍ରାକ୍ଟର ଜବତ କରାଯାଇଥିଲା । ମାଲିକଙ୍କଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହାସତ୍ୱେ ଏଠାରେ କଳାପଥର ଲୁଟ୍ ରୋକାଯିବା ସମ୍ଭବ ହେଉନାହିଁ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱୀନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ




## ସେମିଳିଗୁଡ଼ାରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ



ସେମିଳିଗୁଡ଼ା:(ପି ଏ ନ)କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ରେ ଆମ ଓଡିଶା, ନବୀନ ଓଡିଶା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥକୁ ମାନ୍ୟବର ସରକାରୀ ମୁଖ୍ୟ ସଚେତକ ସେମିଳିଗୁଡ଼ା ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ ଏ ବିଡ଼ିଓ ଧୀରେନ୍ଦ୍ର ଖଣ୍ଡାଗିରି ,ଜିପିଓ କେ .କେଶବ ବିଜେଡ଼ି ବ୍ଲକ ସଭାପତି ରାମ ଅଣ୍ଟା ବିରିଆ , ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଛନ୍ତି । ଜଗନ୍ନାଥ ସଂସ୍କୃତିର ପ୍ରଚାର, ସଂରକ୍ଷଣ ଏବଂ ସୁରକ୍ଷା ନିମନ୍ତେ ଓ ସମଗ୍ର ଓଡ଼ିଶାର ଜନସାଧାରଣଙ୍କୁ ଏହି ମହାନ ସଂସ୍କୃତି ସହ ଜଡିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏହି ଜୟ ଜଗନ୍ନାଥ ଅର୍ପଣ ରଥ କୀର୍ତ୍ତନ ମଣ୍ଡଳୀ ସହ ପରିକ୍ରମା କରି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କ ଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ ।ପଞ୍ଚାୟତ ସ୍ତରରେ ଏହି ସଂଗୃହିତ ଅରୁଆ ଚାଉଳ ଓ ଗୁଆ ଗ୍ରାମ ପଞ୍ଚାୟତର ଏକ ମନ୍ଦିରରେ ରଖାଯିବ ଏବଂ ସେଠାରେ ଭକ୍ତ ଓ କୀର୍ତ୍ତନ ମଣ୍ଡଳୀଙ୍କ ପାଇଁ ସମସ୍ତ ପଞ୍ଚାୟତରୁ ସଂଗ୍ରହ କରାଯାଇ ଥିବା ଅରୁଆ ଚାଉଳ ଓ ଗୁଆକୁ ବ୍ଲକ୍ ସ୍ତରୀୟ ଏକ ମନ୍ଦିରରେ ରଖାଯିବ । ଆଜି ୬ ତାରିଖ ଠାରୁ ଆରମ୍ଭ ହୋଇ ଆଗାମୀ ଜାନୁୟାରୀ ୧୫ ତାରିଖ ମଧ୍ୟରେ ଏହି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟ ସମାପନ ହେବ। କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ଏହି ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି ।ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଦର୍ଶନ ନିମନ୍ତେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଭକ୍ତମାନେ ଯିବା ସମୟରେ ନିଜ ସହିତ ସଂଗୃହିତ ଅରୁଆ ଚାଉଳ ଓ ଗୁଆ ନେଇ ପୁରୀ ଶ୍ରୀମନ୍ଦିରରେ ପ୍ରଦାନ କରିବେ । ସେମିଳିଗୁଡ଼ା ବ୍ଲକ୍ ରେ ଏହି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ସେମିଳିଗୁଡ଼ା ବ୍ଲକ୍ ଅଧକ୍ଷା ଶ୍ରୀମତୀ ଲିଲି ଅଣ୍ଟାବିରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ସାବତ ,ଜିପିଓ କେ. କେଶବ ଏବିଡ଼ିଓ ଶ୍ରୀ ଧୀରେନ୍ଦ୍ର ଖଣ୍ଡାଗିରି,ସେମିଳିଗୁଡ଼ା ବ୍ଲକର ସମସ୍ତ କର୍ମଚାରୀ, ସଂକୀର୍ତ୍ତନ ମଣ୍ଡଳୀ, ସ୍ଥାନୀୟ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ଗଜପତିରେ ବିଜେଡିର ପ୍ରତିଷ୍ଠା ଦିବସ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପାରଳାଖେମୁଣ୍ଡି ଠାରେ ଥିବା ଗଜପତି ଷ୍ଟାଡିଅମ ଠାରେ ବିଜେଡିର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି. ଏହି ଅବସରରେ ଆଜି ପ୍ରଥମେ ପାରଳାର ସ୍ୱର୍ଗତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପ୍ରତିଷ୍ଠା ଦିବସ ସମାରୋହକୁ ଆରମ୍ଭ କରାଯାଇଥିଲା. ପରେ ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲାସ୍ତରୀୟ ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବା ସହ ଗଜପତି ଷ୍ଟାଡିୟମରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଗଜପତି ଷ୍ଟାଡିଅମ ଠାରେ ଆୟୋଜିତ ବିଜେଡିର ୨୭ ତମ ପ୍ରତିଷ୍ଠା ଦିବସରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ଜିଲ୍ଲା ଯୁବ ସଭାପତି ଏସ. ଲିଙ୍ଗରାଜ, ହାଇଟେକ ଅଧକ୍ଷ ତିରୁପତି ପାଣିଗ୍ରାହୀ, ଇ. ରୁପେଶ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ ନେତା ଏଥିରେ ଯୋଗ ଦେଇ ଓଡିଶାରେ ବିଜେଡିର ୨୭ ବର୍ଷ ଶାସନ କାଳର ବିଭିନ୍ନ ବିକାଶମୂଳକ ଓ ଜନ ହିତକର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ବିଜୁ ବାବୁଙ୍କ ଅଦସ୍ୟ ଓ ତ୍ୟାଗ ଓ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ କାର୍ଯ୍ୟ ଦକ୍ଷତା ଓ ସେବାକୁ ନେଇ ପ୍ରତେକ କର୍ମୀ ସମାଜରୁ ସେବା କରନ୍ତୁ ବୋଲି ମଞ୍ଚସ୍ଥ ନେତାମାନେ ଆହ୍ୱାନ ଦେଇଥିଲେ।

## ଶ୍ରୀ ମନ୍ଦିରର ପରିକ୍ରମା ପ୍ରକଳ୍ପ ପାଇଁ ଚାଉଳ ଓ ଗୁଆ ସଂଗ୍ରହ ସକାଶେ ବୁଲିଲା ଶ୍ରୀ ଜଗନ୍ନାଥ ଅର୍ପଣ ରଥ



ସାନଖେମୁଣ୍ଡି ,(ପି.ଏନ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରୁ ଶ୍ରୀଜଗନ୍ନାଥ ଅର୍ପଣ ରଥର ପରିକ୍ରମା ଆଜି ପୂର୍ବାହ୍ନରେ ଆରମ୍ଭ ହୋଇଛି। ବ୍ଲକ ର ପ୍ରତ୍ୟେକ ଗାଁ କୁ ଗାଁ ଅର୍ପଣ ରଥ ପରିକ୍ରମା କରି ଭକ୍ତଙ୍କ ଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବ ଓ ସଂଗୃହିତ ସାମଗ୍ରୀକୁ ପୁରୀ ପଠାଯିବ। ଅର୍ପଣ ରଥ ପରିକ୍ରମା ଶୁଭାରମ୍ଭ ଅବସରରେ ବ୍ଲକ ଅଧକ୍ଷ୍ୟ ସିମାଞ୍ଚଳ ପାତ୍ର, ଗୋଷ୍ଠି ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର, ସମସ୍ତ ଜିଲ୍ଲାପରିଷଦ, ସରପଞ୍ଚ, ସମିତିସଭ୍ୟ, ବ୍ଲକ କର୍ମକର୍ତ୍ତା, ଏସ ଓ ଜି ମହିଳା, ଅଙ୍ଗନବାଡି କର୍ମୀ, ଶିଶୁ ମଙ୍ଗଳକାରୀ କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ରହି ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ଭକ୍ତମାନେ ସାମିଲ ହେବା ନେଇ ସଚେତନତା ସୃଷ୍ଟି କରୁଛି। ବିଭିନ୍ନ ସାହି ଓ ଛକରେ ରଥକୁ ଭକ୍ତମାନେ ବିଶେଷ କରି ମହିଳାମାନେ ଭବ୍ୟ ସ୍ୱାଗତ ଜଣାଉଥିବା ଦେଖିବାକୁ ମିଳିଛି। ହୁଳହୁଳି ଶବ୍ଦରେ ଫୁଲ ପକାଇ, ଦୀପ ଜାଳି ଓ ପୂର୍ଣ୍ଣକୁମ୍ଭ ରଖି ସ୍ୱାଗତ କରୁଛନ୍ତି। ଶ୍ରଦ୍ଧା ସହକାରେ ଅରୁଆ ଚାଉଳ ଓ ଗୋଟା ଗୁଆ ରଥ ନିକଟରେ ଅର୍ପଣ କରୁଥିବା ପରିଲକ୍ଷିତ ହେଉଛି। ସାନଖେମୁଣ୍ଡି ବ୍ଲକ ରେ ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥ ସୋମବାର ଦିନ ସରପଞ୍ଚ ଜାଗିଲି ସେଠିଙ୍କ ନେତୃତ୍ୱରେ ଚୁଡ଼ଙ୍ଗପୁର ପଞ୍ଚାୟତ ର ମହାନଳା, ପଳାସପୁର, ଲୁଣିଲାଠି, ଜଳମରା, ଚିନ୍ତାଖାଳି, ଚୁଡ଼ଙ୍ଗପୁର ଆଦି ଗ୍ରାମ ଭ୍ରମଣ କରି ଭକ୍ତଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ।

## ଅସଦାଚରଣ ଅଭିଯୋଗ ରେ ଯୁବକ ଗିରଫ

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ): କୁକୁଡାଖଣ୍ଡି ଜଣେ ନାବାଳିକା କୁ ବଣଭୋଜି ସମୟରେ ଅସଦାଚରଣ ଅଭିଯୋଗ ରେ ଜଣ କୁ ଗିରଫ କରି କୋର୍ଟ ଚାଲାଣ କରିଛି ସଦର ପୋଲିସ.. ଘଟଣା ରୁ ପ୍ରକାଶ ଯେ କୁକୁଡାଖଣ୍ଡି ର ଏକ ଶିକ୍ଷାନୁଷ୍ଠାନ ର ବଣଭୋଜି କରିବା କୁ ଯାଇଥିବା ବେଳେ ସେଠାରେ ଅଭିଯୁକ୍ତ ଜଣକ ନାବାଳିକା ଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ..ସେଠାରୁ ଫେରିବା ପରେ ନାବାଳିକା ଜଣକ ସବୁ କଥା ନିଜ ଘରେ କହିଥିଲେ। ଏନେଇ ପରିବାରବର୍ଗ ସଦର ଥାନା ରେ ଅଭିଯୋଗ କରିଥିଲେ ସଦର ପୋଲିସ ଅଭିଯୋଗ କୁ ଭିତି କରି ଅଭିଯୁକ୍ତ କୁକୁଡାଖଣ୍ଡି ର ଏ ଆପନା ରାଓ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି।

## ଓଡିଶା କନିଷ୍ଠ ହ୍ୟାଣ୍ଡବଲ ଦଳରେ ଗଞ୍ଜାମର ରାମାସିସ୍ ଜେନା ଓ କେଶବ ରେଡି



ବ୍ରହ୍ମପୁର,(ପି.ଏନ): ଜାନୁଆରୀ ୯ରୁ ୧୩ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ର ବରୋଲି ଠାରେ ହେବାକୁ ଥିବା ୪୬ତମ ଜାତୀୟ କନିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତା ରେ ଭାଗନେବା ପାଇଁ ୧୬ ଜଣିଆ ହ୍ୟାଣ୍ଡବଲ ଦଳରେ ଗଞ୍ଜାମ ଜିଲ୍ଲାର ରାମାସିସ୍ ଜେନା ଓ କେଶବ ରେଡି ଏହି ଦୁଇ ଖେଳାଳି ଓଡିଶା ଦଳ ସହ ଗସ୍ତ କରିଛନ୍ତି। ଗତ ମାସ ୨୭ ଓ ୨୮ ଦୁଇଦିନ ଧରି ପୁରୀ ଠାରେ ଆୟୋଜିତ ହୋଇଥିବା ଅନ୍ତଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ସେମିଫାଇନଲରେ ପ୍ରବେଶ କରିଥିଲେ ଏବଂ ସେମିଫାଇନାଲର ଏକ ମ୍ୟାଚ୍‌ରେ କେନ୍ଦୁଝର ଠାରୁ ୧ ଗୋଲରେ ପରାସ୍ତ ହୋଇଥିଲେ ।ଏହି ଦୁଇ ଜଣ ଖେଳାଳି ଉନ୍ନତମାନର ଖେଳ ପ୍ରଦର୍ଶନ କରି ଚୟନ କାର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଓଡ଼ିଶା ଦଳରେ ଖେଳିବା ପାଇଁ ସୁଯୋଗ ପାଇଥିଲେ। ଏହି ଦୁଇ ଖେଳାଳି ଦୀର୍ଘ ଦିନ ଧରି ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳ ପଡ଼ିଆ ଠାରେ ଏନ୍.ଆଇ.ଏସ୍ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ୍ ନେଉଛନ୍ତି ।ଏହି ଦୁଇ ଜଣ ଖେଳାଳିଙ୍କୁ ଜିଲ୍ଲା ହ୍ୟାଣ୍ଡବଲ୍ ସଂଘଠନର ସଭାପତି ତଥା ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡା,ଜିଲ୍ଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା,ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ,କୋଷାଧ୍ୟକ୍ଷ ଡାକ୍ତର ସିଏଚ୍.ମନୋଜ କୁମାର ପାତ୍ର ପ୍ରମୁଖ ଶୁଭେଚ୍ଛା ସହ ଶୁଭକାମନା ଜଣାଇଛନ୍ତି।

## ତେଲଗା ଦୋରା ସମାଜର ବନ୍ଧୁମିଳନ ଅନୁଷ୍ଠିତ



କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଅଙ୍କୁଶପୁର ସ୍ଥିତ ତେଲଗା ଦୋରା ସମାଜ ର ଅଙ୍କୁଶପୁର ସର୍କଲ ର ବନ୍ଧୁମିଳନ କାର୍ଯ୍ୟକ୍ରମ ସର୍କଲ ସଭାପତି ଜି. ସେଲପତି ରାଓ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଛି ।କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଭାପତି ଇ. ମଦନ ଗୋପାଳ ଦୋରା, ମୁଖ୍ୟ ବକ୍ତା ଭାବେ ସମ୍ପାଦକ ଜି. ଗୋପାଳ ରାଓ ଦୋରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରା, ଅବସରପ୍ରାପ୍ତ ବିଚାରପତି ଇ. ବିଘ୍ନେଶ୍ୱର ରାଓ, ଅବସରପ୍ରାପ୍ତ ଶିକ୍ଷକ ବି. ଦିଲୀପ ରାଓ, ଜି. ରାଜା ରାଓ, ବି. ଦେବେନ୍ଦ୍ର ଦୋରା, ଜି. ଜାନକୀ ରାଓ, ନନ୍ଦ କୁମାର, ଇ. ରାଙ୍ଗା ରାଓ, ଏ. କାମରାଜୁ ଦୋରା ପ୍ରମୁଖ ମଂଚାସୀନ ଥିଲେ.. ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ପ୍ରଥମ ଶ୍ରେଣୀ ରେ ଉର୍ତ୍ତିର୍ନ୍ନ ହୋଇଥିବା ଛାତ୍ରଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା.. କାର୍ଯ୍ୟକ୍ରମ କୁ ବି. ସନ୍ତୋଷ କୁମାର ଦୋରା ସଂଯୋଜନା କରିଥିବା ବେଳେ ବହୁ ତେଲଗା ଭାଇଭଉଣୀ ମାନେ ଉପସ୍ଥିତ ଥିଲେ।

## କୁକୁଡାଖଣ୍ଡିରେ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ



କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କୁ ଅଧିକ ଭାବପୂର୍ଣ୍ଣ କରିବା ଲାଗି ଅଧିକ ସଂଖ୍ୟକ ଲୋକ ଙ୍କୁ ଯୋଡ଼ି ଜଗନ୍ନାଥ ଅର୍ପଣ ରଥ କୁକୁଡାଖଣ୍ଡି ବ୍ଲକ ତରଫରୁ କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ ର କୁକୁଡାଖଣ୍ଡି ଗ୍ରାମ ରେ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ କରାଯାଇଛି। ଜଗତ ର ? ନାଥ ଜଗନ୍ନାଥଙ୍କ ଅର୍ପଣ ରଥ କୁକୁଡାଖଣ୍ଡି ରଥଚକଡା ସାହି ର ଜଗନ୍ନାଥ ଙ୍କ ମନ୍ଦିର ସମ୍ମୁଖ ତାଳ ମୃଦୁଙ୍ଗ ବଜାଇ ଦୀପ ପ୍ରଜ୍ୱଳନ କରି ରଥ ଆରମ୍ଭ କରାଯାଇଛି। ତାହା ସହ ଘର ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରି ଆସନ୍ତା ୧୭ ଜାନୁଆରୀ ରେ ପୁରୀ ରେ ହେବାକୁ ଯାଉଥିବା ପୁରୀ ପରିକ୍ରମା ଗୁଆ ଓ ଚାଉଳ ପଠାଯିବ ବୋଲି କୁକୁଡାଖଣ୍ଡି ବ୍ଲକ ଅଧକ୍ଷ ସୂଚନା ଦେଇଛନ୍ତି ।ଏହି କାର୍ଯ୍ୟକ୍ରମ ରେ କୁକୁଡାଖଣ୍ଡି ତହସିଲଦାର ସପନ କୁମାର ସାହୁ,କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, କୁକୁଡାଖଣ୍ଡି ବ୍ଲକ ବିଡ଼ିଓ ପଲ୍ଲବୀ ସ୍ୱାଇଁ, କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ ସରପଞ୍ଚ ବନ୍ଦନା ସେଠୀ, ଜୋନ୍ ନମ୍ବର ୮ ଜିଲ୍ଲାପରିଷଦ ଶିବାନୀ ସେଠୀ ଙ୍କ ସହ ଅଙ୍ଗନବାଡ଼ି କର୍ମୀ ଓ ? କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ ର କର୍ମୀ ମାନେ ଯୋଗ ଦେଇଛନ୍ତି। ସେହିପରି କୁକୁଡାଖଣ୍ଡି ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ମଧ୍ୟ ଜଗନ୍ନାଥଙ୍କ ଅର୍ପଣ ରଥ ବୁଲି ଗୁଆ ଓ ଚାଉଳ ସଂଗ୍ରହ କରାଯାଉଛି।







Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray